# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୯ ◆ ଭୁବନେଶ୍ୱର ◆ ସୋମବାର ◆ ମାର୍ଚ୍ଚ ୦୯ରୁ ମାର୍ଚ୍ଚ ୧୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-29 ◆ Bhubaneswar ◆ Monday ◆ March 09 to March 15, 2026 ◆ Page-8 ◆ Price Rs.4.00


## ହିଷ୍ଟ୍ରି ରିପିଟ୍-ହିଷ୍ଟ୍ରି ଡିଫିଟ୍: ଭାରତ ଟି-୨୦ ବିଶ୍ୱ ଚାମ୍ପିଅନ୍



ଅହମଦାବାଦ,(ଏଜେନ୍ସି): ଟିମ୍ ଇଣ୍ଡିଆ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ଟାଇଟଲ୍ ନିଜ ନାମରେ କରିଛି। ରବିବାର ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ୍‌ରେ ମ୍ୟାଚ୍‌ରେ ୯୬ ରନ୍‌ର ଆକର୍ଷଣୀୟ ବିଜୟ ହାସଲ କରି ତୃତୀୟ ଥର ଏହି ଟାଇଟଲ୍ ହାତେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ ଏବଂ ଈଶାନ୍ କିଶନ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୫ ୱିକେଟ୍ ବିନିମୟରେ ୨୫୪ ରନ୍ କରିଥିଲା। ଜବାବରେ କିୱି ଟିମ୍ ୧୯ ଓଭର୍‌ରେ ମାତ୍ର ୧୫୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪ ୱିକେଟ୍ ଅକ୍ତିଆର କରିଥିବା ଜସ୍‌ପ୍ରୀତ୍ ବୁମ୍‌ରାଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ଏବଂ ସଞ୍ଜୁ ସାମ୍‌ସନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ୍ ବିବେଚିତ କରାଯାଇଛି।

ଏହା ସହିତ ଭାରତୀୟ ଟିମ୍ ଟି-୨୦ ବିଶ୍ୱକପ୍ ଇତିହାସରେ ତୃତୀୟ ଥର ଟାଇଟଲ୍ ଜିତିବାରେ ପ୍ରଥମ ଟିମ୍ ହୋଇଛି। ସେହିପରି ଲଗାତାର ଦୁଇଥର ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିବାରେ ମଧ୍ୟ ପ୍ରଥମ ଟିମ୍ ହୋଇଛି। ଏହା ସହିତ ପ୍ରଥମ ଥର କୌଣସି ଆୟୋଜିତ ଟିମ୍ ଟି-୨୦ ବିଶ୍ୱକପ୍ ଜିତିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଟିମ୍ ପୁଣିଥରେ ଟାଇଟଲ୍ ବିଜୟରୁ ବଞ୍ଚିତ ହୋଇଛି।

୨୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ତୃତୀୟ ଓଭର୍‌ରେ ଅକ୍ଷର ପଟେଲ୍ ପ୍ରଥମ ଝଟ୍‌କା ଦେଇଥିଲେ। ୯ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ସେ ଫିନ୍ ଏଲେନ୍‌ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାର ପରବର୍ତ୍ତୀ ଓଭର୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ରଚିନ୍ ରବୀନ୍ଦ୍ର (୧)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ପଞ୍ଚମ ଓଭର୍‌ରେ ଗ୍ଲେନ୍ ଫିଲିପ୍ସ (୫)ଙ୍କୁ ବୋଲ୍ଡ କରି ଅକ୍ଷର ପଟେଲ୍ କିୱି ଟିମ୍‌ର ସ୍କୋର୍ ୪୭/୩ କରିଦେଇଥିଲେ। ତେବେ ଗୋଟିଏ ପଟେ ତିଷ୍ଠି ରହିଥିବା ଓପନର୍ ଟିମ୍ ସିଫର୍ଟ କେବଳ ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଅଷ୍ଟମ ଓଭର୍‌ରେ ମାର୍କ ଚାପ୍‌ମ୍ୟାନ୍ (୩)ଙ୍କୁ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ନବମ ଓଭର୍‌ରେ ଈଶାନ୍ କିଶନ୍‌ଙ୍କ ଦ୍ୱାରା ଟିମ୍ ସିଫର୍ଟଙ୍କୁ କ୍ୟାଚ୍ ଆଉଟ୍ କରାଇ ବରୁଣ ଚକ୍ରବର୍ତ୍ତୀ ନ୍ୟୁଜିଲାଣ୍ଡ ବଡ଼ ଝଟ୍‌କା ଦେଇଥିଲେ। ସିଫର୍ଟ ୨ ଚୌକା ଓ ୫ ଛକା ସହାୟତାରେ ୨୬ ବଲ୍‌ରୁ ୫୨ ରନ୍ କରିଥିଲେ। ଏହାପରେ ଡାରିଲ୍ ମିଚେଲ୍ ଓ କ୍ୟାପ୍‌ଟେନ୍ ମିଚେଲ୍ ସାଣ୍ଟନର୍ କିଛି ସମୟ ପାଇଁ ଇନିଂସ୍ ସମ୍ଭାଳି ୬ଷ୍ଠ ୱିକେଟ୍‌ରେ ୨୮ ବଲ୍‌ରେ ୫୬ ରନ୍ ଯୋଡ଼ିଥିଲେ। ତେବେ ଡାରିଲ୍ ମିଚେଲ୍ (୧୭)ଙ୍କୁ ଈଶାନ୍ କିଶନ୍‌ଙ୍କ ହାତରେ କ୍ୟାଚ୍ କରାଇ ଅକ୍ଷର ପଟେଲ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଏହାପରେ ୧୬ଶ ଓଭର୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ଲଗାତାର ବଲ୍‌ରେ ନ୍ୟୁଜିଲାଣ୍ଡକୁ ଡବଲ୍ ଝଟ୍‌କା ଦେଇଥିଲେ। ଓଭର୍ ୩ୟ ବଲ୍‌ରେ ସେ ଜେମ୍ସ ନିଶାମ୍ (୮) ଏବଂ ପରବର୍ତ୍ତୀ ବଲ୍‌ରେ ମ୍ୟାଟ୍ ହେନରୀଙ୍କୁ ବୋଲ୍ଡ କରି ନ୍ୟୁଜିଲାଣ୍ଡର ପରାଜୟ ନିଶ୍ଚିତ କରିଦେଇଥିଲେ। ଏହାପରେ ବୁମ୍‌ରା ୧୮ଶ ଓଭର୍‌ରେ ସାଣ୍ଟନର୍‌ଙ୍କୁ ବୋଲ୍ଡ କରି ଫେରାଇଥିଲେ। ସାଣ୍ଟନର୍ ୩୫ ବଲ୍‌ରେ ୪୩ ରନ୍ କରିଥିଲେ। ୧୯ତମ ଓଭର୍‌ର ଶେଷ ବଲ୍‌ରେ ଜାକବ୍ ଡଫି (୩)ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ଅଭିଷେକ ଶର୍ମା ନ୍ୟୁଜିଲାଣ୍ଡ ଇନିଂସ୍ ୧୫୯ ରନ୍‌ରେ ସୀମିତ କରିଦେଇଥିଲେ। ଭାରତ ପକ୍ଷରୁ ବୁମ୍‌ରା ସର୍ବାଧିକ ୪ଟି ଏବଂ ଅକ୍ଷର ପଟେଲ୍ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ହାର୍ଦ୍ଦିକ, ବରୁଣ ଏବଂ ଅଭିଷେକଙ୍କୁ ୧-୧ ସଫଳତା ମିଳିଥିଲା।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଅଭିଷେକ ଶର୍ମା ଓ ସଞ୍ଜୁ ସାମ୍‌ସନ୍ ଜବରଦସ୍ତ ଆରମ୍ଭ କରିଥିଲେ। ଦୁଇ ଓପନର୍ ଆଟାକିଂ ମୁଡ୍‌ରେ ଥିଲେ। ଲକି ଫର୍ଗୁସନ୍‌ଙ୍କ (୪ର୍ଥ) ଓଭର୍‌ରେ ୨୪ ରନ୍ ଉଠାଇ ଦୁହେଁ ଭାରତର ସ୍କୋର୍ ୫୦ ରନ୍ ପାର୍ କରାଇଥିଲେ। ଏହାପରେ ଅଭିଷେକ ୧୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ପାୱାରପ୍ଲେ (୬ ଓଭର୍)ରେ ଭାରତର ସ୍କୋର୍ ୯୨ ରନ୍ ହୋଇଥିଲା। ତେବେ ୮ମ ଓଭର୍‌ରେ ଅଭିଷେକ ଶର୍ମାଙ୍କୁ ଆଉଟ୍ କରି ରଚିନ୍ ରବୀନ୍ଦ୍ର ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ। ଅଭିଷେକ ୨୧ ବଲ୍‌ରେ ୬ ଚୌକା ଓ ୩ ଛକା ସହାୟତାରେ ୫୨ ରନ୍ କରି ବିଦାୟ ନେଇଥିଲେ। ତେବେ ଏହା ମଧ୍ୟରେ ୮ମ ଓଭର୍‌ରେ ଟିମ୍‌ର ସ୍କୋର୍ ୧୦୦ ରନ୍ ଟପିଯାଇଥିଲା। ଏକାଦଶ ଓଭର୍‌ରେ ସଞ୍ଜୁ ସାମ୍‌ସନ୍ ୩୩ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ବିଶ୍ୱକପ୍‌ରେ ତାଙ୍କର ଲଗାତର ୩ୟ ଅର୍ଦ୍ଧଶତକ ଥିଲା। ୧୫ଶ ଓଭର୍‌ରେ ଟିମ୍ ଇଣ୍ଡିଆ ୨୦୦ ରନ୍ ପାର୍ କରିଥିଲା। ଏହି ଓଭର୍‌ରେ ଈଶାନ୍ କିଶନ୍ ୨୩ ବଲ୍‌ରେ ଅର୍ଦ୍ଧଶତକ ମଧ୍ୟ କରିଥିଲେ। ସଞ୍ଜୁ ଏବଂ ଈଶାନ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୪୮ ବଲ୍‌ରେ ୧୦୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୬ଶ ଓଭର୍‌ରେ ସଞ୍ଜୁଙ୍କୁ ଆଉଟ୍ କରି ଜେମ୍ସ ନିଶାମ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ସଞ୍ଜୁ ୪୬ ବଲ୍‌ରେ ୫ ଚୌକା ଓ ୮ ଛକା ସହାୟତାରେ ୮୯ ରନ୍ କରି ଫେରିଥିଲେ। ଏହାପରେ ନିଶାମ୍ ସେହି ଓଭର୍‌ରେ ଈଶାନ୍ କିଶନ୍ ଏବଂ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କୁ ମଧ୍ୟ ପ୍ୟାଭିଲିୟନ୍ ଫେରାଇଥିଲେ। ଈଶାନ୍ ୨୫ ବଲ୍‌ରେ ୪ଟି ଲେଖାଏଁ ଛକା ଓ ଚୌକା ସହାୟତାରେ ୫୪ ରନ୍ କରିଥିବା ବେଳେ ସୂର୍ଯ୍ୟକୁମାର ଖାତା ମଧ୍ୟ ଖୋଲିପାରି ନଥିଲେ। ଶିଭମ୍ ଦୁବେ ବିସ୍ଫୋରକ ଇନିଂସ୍ ଖେଳି ୮ ବଲ୍‌ରେ ୩ ଚୌକା ଓ ଦୁଇ ଛକା ସହାୟତାରେ ୨୮ ରନ୍ ଏବଂ ତିଳକ ବର୍ମା ୮ ରନ୍ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ନିଶାମ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ମ୍ୟାଟ୍ ହେନ୍‌ରୀ ଏବଂ ରଚିନ୍ ରବୀନ୍ଦ୍ରଙ୍କୁ ୧-୧ ସଫଳତା ମିଳିଥିଲା।

## ଶିଶୁ ହତ୍ୟାକାଣ୍ଡର ପର୍ଦ୍ଦାଫାସ, ନିଜ ଦାଦା ହିଁ ହତ୍ୟାକାରୀ

ଭୁବନେଶ୍ୱର,(ଜା.ପ୍ର): ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଚାଟିକୋଣା ର ଚର୍ଚ୍ଚିତ ୭ ବର୍ଷର ଶିଶୁକୁ ଅପହରଣ ପରେ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ରାୟଗଡ଼ା ପୁଲିସ । ମୃତ ଶିଶୁକୁ ନିଜ ଦାଦା ହତ୍ୟା କରିଛି। ଦାଦା ଚଦନ୍ଦ ଗନ୍ତାୟତଙ୍କୁ ପୁଲିସ ଗିରଫ କରିଛି। ସାମ୍ବାଦିକ ସମ୍ମିଳନୀରେ ଏସପି ସ୍ୱାତୀ ଏସ୍. କୁମାର ଏହି ସୂଚନା ଦେଇଛନ୍ତି।

ପ୍ରକାଶ ଯେ ଗତ ୭ତାରିଖ ଦିନ ଚାଟିକୋଣା ଗ୍ରାମର ପୁରୁଷୋତ୍ତମ ଗନ୍ତାୟତ ତାଙ୍କ ନାବାଳକ ପୁଅ ରିଷି ଗନ୍ତାୟତଙ୍କ ସନ୍ଦେହଜନକ ଅପହରଣ ଏବଂ ହତ୍ୟା ସମ୍ପର୍କରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ଆଧାରରେ ପୁଲିସ୍ ମୃତ ରିଷିର ଦାଦା ଚନ୍ଦନ ଗନ୍ତାୟତ(୨୭)କୁ ଥାନାରେ ଅଟକ ରଖି ଜେରା କରିବା ସମୟରେ ସେ ହତ୍ୟାକାଣ୍ଡ ଭିଆଇ ଥିବା ସ୍ୱୀକାର କରିବା ସହ ହତ୍ୟାକାଣ୍ଡ ପଛର କାହାଣୀକୁ ବଖାଣିଛି। ଅଭିଯୁକ୍ତ ଅନ୍‌ଲାଇନ୍ ଗେମ ଖେଳି ବିଭିନ୍ନ ଲୋକଙ୍କ ଠାରୁ ଧାରକରଜ କରି ଆର୍ଥିକ ଅସୁବିଧାରେ ରହିଥିଲେ। ଅଭିଯୁକ୍ତ ତାଙ୍କ ମା'ଙ୍କ ଆକାଉଣ୍ଟରୁ ଟଙ୍କା ନିଜ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ ଯାହାକୁ ନେଇ ଚାଟିକୋଣା ବ୍ୟାଙ୍କ ପରିସରରେ ବଡ଼ଭାଇ ସହ ପ୍ରବଳ ବଚସା ହୋଇଥିଲା। ଅଭିଯୁକ୍ତ ଚନ୍ଦନ ଅପମାନିତ ହୋଇ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲା। ବଡ଼ଭାଇକୁ ପାନେ ଦେବା ପାଇଁ ୬ତାରିଖ ରାତ୍ରିରେ ପୁତୁରା ରିଷିକୁ କୁରୁକୁରି କିଣିବା ବାହାନାରେ ଷ୍ଟେସନ ବଜାରର ଏକ ଦୋକାନକୁ ନେଇଯାଇଥିଲା। ଫେରିବା ସମୟରେ ଅଭିଯୁକ୍ତ ପୁଣି ଥରେ ତାଙ୍କୁ ଏକ କ୍ରିକେଟ୍ ବ୍ୟାଟ୍ ଏବଂ ବଲ୍ ଦେବା ବାହାନାରେ ତାଙ୍କ ଘର ପାଖରେ ରହିଥିବା ଏକ ନିର୍ମାଣାଧୀନ ଘର ଭିତରକୁ ଡାକି ନେଇ ସେଠାରେ ଏକ ଛୁରୀରେ ନିର୍ମମ ଭାବରେ ଗଳା କାଟି ଦେଇଥିଲା। ଯାହା ଫଳରେ ସେହି ଠାରେ ହିଁ ରିଷିର ମୃତ୍ୟୁ ହାଇଥିଲା। ପରେ ଅଭିଯୁକ୍ତ ମୃତଦେହକୁ ଏକ ପ୍ଲାଷ୍ଟିକ୍ ଚାଉଳ ବ୍ୟାଗ ଭିତରେ ରଖି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିଲା । ପରିବାର ସଦସ୍ୟଙ୍କୁ ଭ୍ରମିତ କରିବା ଏବଂ ସନ୍ଦେହ ଦୂର କରିବା ପାଇଁ, ଅଭିଯୁକ୍ତ ବଡଭାଇ ସମେତ ଅନ୍ୟ ସମ୍ପର୍କୀୟଙ୍କୁ ଅପହରଣ ସାଙ୍ଗକୁ ଟଙ୍କା ଦାବି କରିବା ଭଳି ଧମକପୂର୍ଣ୍ଣ ହ୍ୱାଟ୍ସଆପ୍ ମେସେଜ୍ ପଠାଇଥିବା ସ୍ୱୀକାର କରିଛି । ବୈଜ୍ଞାନିକ ପ୍ରମାଣ, ସାକ୍ଷୀଙ୍କ ପରୀକ୍ଷା ଏବଂ ପୁଲିସ ଜେରା ସମୟରେ ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଆଧାରରେ, ଅଭିଯୁକ୍ତ ଚନ୍ଦନ ଗନ୍ତାୟତକୁ ଧାରା ୧୪୦(୧)/୧୪୦(୨)/୧୦୩ ବିଏନ୍‌ଏସ୍ ୨୦୨୩ ରେ ଗିରଫ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ, ରକ୍ତଭିଜା ପୋଷାକ ଏବଂ ମୋବାଇଲଜବତ କରାଯାଇଛି।

## ସମ୍ବଲପୁରରେ ହେବ ସିଜିଏଚ୍‌ଏସ୍ ହେଲଥ୍ ସେଣ୍ଟର୍

ଭୁବନେଶ୍ୱର,(ଜା.ପ୍ର): ସମ୍ବଲପୁରରେ ଏକ ନୂତନ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ୱେଲନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସବୁପ୍ରକାର ଅନୁମୋଦନ ପ୍ରଦାନ କରି ସାରିଛନ୍ତି । ଏହା ଖୁବ୍‌ଶୀଘ୍ର ସମ୍ବଲପୁରରେ ସ୍ଥାପନା ହେବାକୁ ଯାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ପରେ ତାଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୂଚିତ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେ.ପି ନଡ୍ଡା।

ଶ୍ରୀ ପ୍ରଧାନ ଗତ ୮ ସେପ୍ଟେମ୍ବର ୨୦୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି୍ ନଡ୍ଡାଙ୍କୁ ଚିଠିଲେଖି ସମ୍ବଲପୁରରେ ଏକ ସିଜିଏଚ୍‌ଏସ୍ ହେଲଥ୍ ସେଣ୍ଟରର ଆବଶ୍ୟକତା ବିଷୟରେ ଜଣାଇଥିଲେ । ସେ ଚିଠିରେ ଉଲ୍ଲେଖ କରିଥିଲେ, ସମ୍ବଲପୁରରେ ବିଏସ୍‌ଏନ୍‌ଏଲ୍, ଡାକ ବିଭାଗ, ଆୟକର ବିଭାଗ, ପୂର୍ବତଟ ରେଳବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆରପିଏଫ ଗ୍ରୁପ୍ ସେଣ୍ଟର, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି। ଏଠାରେ ବହୁ ସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ ପେନ୍‌ସନ୍‌ଭୋଗୀ ବସବାସ କରୁଛନ୍ତି। ଏହି ସୁବିଧା ନଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୩୦୦ କିଲୋମିଟର ଦୂର ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବାକୁ ପଡୁଛି। ଏହା ଦ୍ୱାରା ବିଶେଷ କରି ପ୍ରାପ୍ତ ବୟସ୍କ ପେନ୍‌ସନ୍‌ଭୋଗୀମାନେ ହଇରାଣ ହେଉଛନ୍ତି।

ଏହାର ପ୍ରତ୍ୟୁତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା, ଶ୍ରୀ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ସମ୍ବଲପୁରରେ ସିଜିଏଚଏସ ସେଣ୍ଟର ପାଇଁ ସବୁପ୍ରକାର ଅନୁମୋଦନ ମିଳିସାରିଛି। ଏହି ସେଣ୍ଟର ପାଇଁ ଆବଶ୍ୟକୀୟ ପଦବୀ ପୂରଣ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇସାରିଛି। ଉକ୍ତ ପଦବୀଗୁଡ଼ିକ ମଧ୍ୟରେ ମେଡିକାଲ୍ ଅଫିସର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଏବଂ ଜୁନିୟର ହେଲଥ ଆଡମିନିଷ୍ଟ୍ରେଟିଭ ଆସିଷ୍ଟାଣ୍ଟ ପୋଷ୍ଟ ରହିଛି। ତେବେ ସେଣ୍ଟରଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ, ପେନସନଭୋଗୀମାନେ ନିକଟସ୍ଥ ସିଜିଏଚଏସ ସହରରୁ ସୁବିଧା ପାଇପାରିବେ ଏବଂ କାର୍ଯ୍ୟରତ କର୍ମଚାରୀମାନେ ସେଣ୍ଟରାଲ ସର୍ଭିସ୍(ମେଡିକାଲ ଆଟେନଡାନ୍ସ) ନିୟମ ଅଧୀନରେ ଚିକିତ୍ସା ସୁବିଧା ପାଇବା ଜାରି ରଖିବେ ।

ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ଜୀବନଧାରଣକୁ ସହଜ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କହିଛନ୍ତି।

ଜାତୀୟ ଚେତନା
JATIYA CHETANA



# ଶାନ୍ତି ବୁଝାମଣା ନେଇ ଇରାନ୍‌କୁ ଟ୍ରମ୍ପଙ୍କ ଅଲ୍ଟିମେଟମ୍: ବିନା ସର୍ତ୍ତରେ ଆତ୍ମସମର୍ପଣ ନକଲେ ଅସମ୍ଭବ

ୱାଶିଂଟନ୍,ତେହେରାନ, (ଏଜେନ୍ସି): ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଆଜି ସପ୍ତମ ଦିନରେ ପହଞ୍ଚିଛି। ଏହି ୭ ଦିନ ମଧ୍ୟରେ ଯଦିଓ ଇରାନ୍ ସର୍ବାଧିକ କ୍ଷତି ସହିଛି କିନ୍ତୁ ଇରାନ୍‌ର ପ୍ରଚଣ୍ଡ ଆକ୍ରମଣରେ ଉଭୟ ଆମେରିକା ଏବଂ ଇସ୍ରାଏଲ୍ ସହ ଅନ୍ୟ କେତେକ ଦେଶ ମଧ୍ୟ ମାତ୍ରାଧିକ କ୍ଷତି ସହିବାକୁ ବାଧ୍ୟ ହୋଇଛି। ଇରାନ୍ ନିଜ ସାମର୍ଥ୍ୟ ତୁଳନାରେ ଅଧିକ ଆକ୍ରମଣାତ୍ମକ ଢ଼ଙ୍ଗରେ ସାମରିକ ଅଭିଯାନକୁ ଜୋରଦାର କରିଛି। ଏହି ଯୁଦ୍ଧରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା ପ୍ରତିପକ୍ଷ ଦେଶମାନେ ଦାବି କରୁଥିବା ବେଳେ ବାସ୍ତବିକ ମୃତାହତଙ୍କ ସଂଖ୍ୟା ୧୦୦ଗୁଣ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ତେବେ ଏସବୁ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନ୍‌କୁ ଶୁକ୍ରବାର ଏକ ବଡ଼ ଅଲ୍ଟିମେଟମ୍ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଇରାନ ବିନା ସର୍ତ୍ତରେ ଆତ୍ମସମର୍ପଣ ନ କରିଛି, ସେପର୍ଯ୍ୟନ୍ତ କୌଣସି ପ୍ରକାରର ଶାନ୍ତି ବୁଝାମଣା କରାଯିବ ନାହିଁ। ଟ୍ରମ୍ପଙ୍କ କହିବାନୁସାରେ ଇରାନ୍‌କୁ ସର୍ବପ୍ରଥମେ ଆତ୍ମସମର୍ପଣ ହିଁ କରିବାକୁ ହେବ। ଏହାପରେ ଇରାନରେ ଏକ ନୂତନ ଏବଂ ଉତ୍ତମ ନେତୃତ୍ୱର ଅଭ୍ୟୁଦୟ ସମ୍ଭବ ହୋଇପାରିବ। ନିଜ ସୋସିଆଲ ମିଡିଆ ଟ୍ରୁଥ୍' ହ୍ୟାଣ୍ଡେଲ୍‌ରେ ସେ ଏପରି କିଛି ଆଲେଖ୍ୟ ପୋଷ୍ଟ କରିଛନ୍ତି। ଟ୍ରମ୍ପ ଲେଖିଛନ୍ତି, ଇରାନକୁ ପୁଣି ଥରେ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବା ପାଇଁ ଆମେରିକା ତା'ର ସହଯୋଗୀମାନଙ୍କ ସହିତ କାମ କରିବ। ତାଙ୍କ ପୋଷ୍ଟରେ ଟ୍ରମ୍ପ, ଇରାନକୁ ପୁଣି ଥରେ ମହାନ କରନ୍ତୁ ସ୍ଲୋଗାନ ମଧ୍ୟ ଦେଇଥିଲେ ଏବଂ କହିଥିଲେ ଯେ ଭବିଷ୍ୟତରେ, ଇରାନ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅଧିକ ସମୃଦ୍ଧ ହୋଇପାରିବ। ଟ୍ରମ୍ପ ଏହି ଅବସରରେ ମୃତ୍ୟୁବରଣ କରିଥିବା ଇରାନ୍‌ର ସୁପ୍ରିମଲିଡର ଆୟାତୋଲ୍ଲା ଅଲ୍ଲି ଖାମନେଇଙ୍କ ବଦଳରେ ତାଙ୍କ ପୁଅକୁ ଉତ୍ତରାଧିକାରୀ ଭାବେ ମାନ୍ୟତା ଦେବାକୁ ମଧ୍ୟ ମନା କରିଦେଇଛନ୍ତି। ଟ୍ରମ୍ପଙ୍କ କହିବାନୁସାରେ ଖାମନେଇଙ୍କ ମନୋଭାବ ଭଳି ଯଦି ପୁଣି ଜଣେ ଶାସକ ଇରାନ୍‌ର ଦାୟିତ୍ୱ ଗ୍ରହଣ କରେ ତେବେ ଆଗାମୀ ଦିନରେ ପୁଣି ଏକ ଭୟାବହ ଯୁଦ୍ଧ ଘଟିପାରେ। ଇସ୍ରାଏଲ ବାୟୁସେନା ତେହେରାନରେ ଥିବା ଇରାନ ନେତୃତ୍ୱ କମ୍ପ୍ଲେକ୍ସ ଉପରେ ଭୟଙ୍କର ଆକ୍ରମଣ କରିଛି। ୫୦ଟି ଫାଇଟର ଜେଟ୍ ଏହି ଅପରେଶନରେ ସାମିଲ ଥିଲେ। ୧୦୦ରୁ ଅଧିକ ବୋମାମାଡ଼ କରାଯାଇ ସୁପ୍ରିମ ଲିଡରଙ୍କ ପାଇଁ ନିର୍ମିତ ଅଣ୍ଡରଗ୍ରାଉଣ୍ଡ ବଙ୍କରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଛି। ଏହି ଆକ୍ରମଣ ଦ୍ୱାରା ଇରାନର କମାଣ୍ଡ ଏବଂ କଣ୍ଟ୍ରୋଲ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ଏହି ସମୟରେ, ଇରାନ୍ ମଧ୍ୟ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରି ଇସ୍ରାଏଲୀ ଏବଂ ଆମେରିକୀୟ ଘାଟି ଉପରେ ଆକ୍ରମଣ ଜାରି ରଖିଛି। ଇରାନର କ୍ଷେପଣାସ୍ତ୍ର ଆକ୍ରମଣର ଭିଡିଓ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ୟୁନିସେଫ୍ ରିପୋର୍ଟ କରିଛି ଯେ ଇରାନ ବିରୁଦ୍ଧରେ ଆମେରିକା ଏବଂ ଇସ୍ରାଏଲ ସହିତ ସମ୍ପ୍ରତି ବୃଦ୍ଧି ପାଇବା ପରଠାରୁ ମଧ୍ୟପ୍ରାଚ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ ଶିଶୁଙ୍କ ମୃତ୍ୟୁ ହୋଇଛି। ଜାତିସଂଘର ଅନ୍ୟତମ ଏଜେନ୍ସି ଭାବେ କାର୍ଯ୍ୟ କରୁଥିବା ୟୁନିସେଫ୍ ନିଶ୍ଚିତ କରିଛି ଯେ ଇରାନରେ ଅତି କମରେ ୧୮୧, ଲେବାନନରେ ୭, ଇସ୍ରାଏଲରେ ୩ ଏବଂ କୁଓ୍ୱେତରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ୟୁନିସେଫ୍ କହିଛି, 'ପିଲାମାନେ ଯୁଦ୍ଧ ଆରମ୍ଭ କରନ୍ତି ନାହିଁ, କିନ୍ତୁ ସେମାନେ ଏକ ଅଗ୍ରହଣୀୟ ଉଚ୍ଚ ମୂଲ୍ୟ ଦିଅନ୍ତି।' ଯୁଦ୍ଧଯୋଗୁ ପିଲାମାନେ କେବଳ ସିଧାସଳଖ କ୍ଷତିର ସମ୍ମୁଖୀନ ହୁଅନ୍ତି ନାହିଁ ବରଂ ବିସ୍ଥାପନ, ଆଘାତ ଏବଂ ପରିବାର ସଦସ୍ୟଙ୍କ କ୍ଷତିକୁ ମଧ୍ୟ ଜୀବନବ୍ୟାପୀ ଭୋଗନ୍ତି। ସୁତରାଂ ପିଲାମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ୟୁନିସେଫ୍ ସମସ୍ତ ପକ୍ଷଙ୍କୁ ଅନୁରୋଧ କରିଛି।

## ଇରାନକୁ ଆମେରିକା ଓ ଇସ୍ରାଏଲର ଝଟ୍‌କା

# ୫ ତୈଳ ଡିପୋ ଉପରେ ଏୟାର୍ ଷ୍ଟ୍ରାଇକ୍



ନୂଆଦିଲ୍ଲୀ, ତେହେରାନ,(ଏଜେନ୍ସି): ଭୀଷଣ... ଭୟଙ୍କର... । ବିକଟାଳ ନିଆଁ, ବେକାବୁ କଳା ଧୂଆଁ। ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ବିରୋଧରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେଉଛି। ଯୁଦ୍ଧ ଭିତରେ ଆମେରିକା ଓ ଇସ୍ରାଏଲ ଆଜି ଇରାନକୁ ସବୁଠାରୁ ବଡ଼ ଝଟକା ଦେଇଛନ୍ତି। ଆଜି ଇରାନର ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ୫ଟି ତୈଳ ଡିପୋ ଉପରେ ଉଭୟ ଦେଶ ଏୟାର ଷ୍ଟ୍ରାଇକ କରିଛନ୍ତି। ଏଥିରେ ତୈଳ ଡିପୋଗୁଡ଼ିକ ଧ୍ୱଂସ ହୋଇ ଯାଇଥିବା ବେଳେ ପୂରା ତେହରାନ ଧୂଆଁମୟ ହୋଇ ଯାଇଛି।

ଡିପୋ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଯୋଗାଣ ନେଟଓ୍ୱର୍କ ପ୍ରଭାବିତ ହୋଇଛି। ଏଥିଯୋଗୁ ତେହରାନ ଓ ଆଖପାଖ ଅଞ୍ଚଳରେ ଆଜି ସକାଳ ପରଠାରୁ ତୈଳ ଯୋଗାଣକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଏନେଇ ତେହରାନର ଗଭର୍ଣ୍ଣର ମହମ୍ମଦ ସାଦେଘ ମୋତାମେଦିଆନ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ଏବେ ସମସ୍ୟାକୁ ଠିକ କରିବା ପାଇଁ ଚେଷ୍ଟା କରାଯାଉଛି। ଖୁବଶୀଘ୍ର ସ୍ଥିତି ସ୍ୱାଭାବିକ ହେବ।

ଆମେରିକା-ଇସ୍ରାଏଲ ପକ୍ଷରୁ ୫ଟି ତୈଳ ଡିପୋ ଉପରେ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଏଥିରେ କିଛି ଆବାସିକ ବିଲଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ୪ ଜଣ ସାଧାରଣ ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଥିବା ସେ କହିଛନ୍ତି।

ଜାତୀୟ ଇରାନୀୟ ତୈଳ ଦ୍ରବ୍ୟ ବିତରଣ କମ୍ପାନୀର ସିଇଓ କହିଛନ୍ତି ଯେ ରବିବାର ଭୋର୍ ସମୟରେ ତେହରାନ ଓ ଅଲବୋର୍ଜରେ ଥିବା ୪ଟି ତୈଳ ଡିପୋ ଓ ଗୋଟିଏ ପେଟ୍ରୋଲିୟମ ଦ୍ରବ୍ୟ ପରିବହନ କେନ୍ଦ୍ର ଉପରେ ଶତ୍ରୁପକ୍ଷର ଯୁଦ୍ଧ ବିମାନ ଆକ୍ରମଣ କରିଥିଲା। ଏହି ଘଟଣାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨ ଜଣ ତୈଳ ଟ୍ୟାଙ୍କର ଡ୍ରାଇଭରଙ୍କ ସହ ଆମର ୪ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଛି। କ୍ଷତି ହୋଇଥିଲେ ହେଁ ନିଆଁ ଯଥା ସମ୍ଭବ ନିୟନ୍ତ୍ରଣ କରାଯାଇଥିଲା। ତଥାପି ଆଜି ସକାଳ ଯାଏ ପୂରା ତେହରାନ ଓ ଆଖପାଖ ଅଞ୍ଚଳରେ ଧୂଆଁ ଭର୍ତ୍ତି ହୋଇ ରହିଥିଲା। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ କଳାଧୂଆଁର ଆସ୍ତରଣ ଏତେ ମୋଟା ରହିଥିଲା ଯେ ସୂର୍ଯ୍ୟ ଉଦୟ ହେବା ପରେ ମଧ୍ୟ ଅନ୍ଧାର ଭିତରେ ଲୋକମାନେ ରହିଥିଲେ। ଧୂଆଁ ଯୋଗୁ ଲୋକମାନେ ଅଣନିଃଶ୍ୱାସ ମଧ୍ୟ ଅନୁଭବ କରିଛନ୍ତି। ବିଷାକ୍ତ ଧୂଆଁ ଚାରିଆଡ଼େ ବ୍ୟାପି ଯାଇଥିବାରୁ ଲୋକମାନଙ୍କୁ ଯଥା ସମ୍ଭବ ଘରେ ରହିବାକୁ ମଧ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ କେହି କାହାକୁ ଛାଡ଼ିବେନି ବୋଲି ଇରାନ୍ ଓ ଆମେରିକା ଅଡ଼ି ବସିଥିବା ବେଳେ, ଯୁଦ୍ଧ ବିଭୀଷିକାର ଅନ୍ତ ଘଟାଇବାକୁ ଅନୁରୋଧ କରିଛନ୍ତି ପୋପ୍ ।ଏପଟେ ଘମାଘୋଟ ଅସ୍ତ୍ରଯୁଦ୍ଧ, ସେପଟେ ଥମୁନି ବାକ୍‌ଯୁଦ୍ଧ। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କୁ କୌଣସି ସ୍ଥିତିରେ ଛାଡ଼ିବୁନି ବୋଲି ରଣହୁଙ୍କାର ଦେଇଛନ୍ତି ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ତଥା ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି, ଇରାନରେ ଆମେ ଆତ୍ମସମର୍ପଣ କରୁଛୁ ବୋଲି କହିବାକୁ ଆଉ କେହି ରହିବେନି। ଆମେ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ତା' ଆଗରୁ ନିଃସର୍ତ୍ତ ଆତ୍ମସମର୍ପଣ କରୁ ଇରାନ। ଏସବୁ ଭିତରେ ଶାନ୍ତି ପାଇଁ ନିବେଦନ କରିଛନ୍ତି ପୋପ୍ ଲିଓ। ବୋମା ବର୍ଷା ବନ୍ଦ କରିବାକୁ ଉଭୟ ପକ୍ଷରୁ ଅନୁରୋଧ କରିଛନ୍ତି ।

# ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା ଦିଲ୍ଲୀରେ ଶକ୍ତି ଉତ୍ସବ



ନୂଆଦିଲ୍ଲୀ,(ଏଜେନ୍ସି): ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ) ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସକୁ 'ଶକ୍ତି ଉତ୍ସବ' ନାମରେ ନୂଆଦିଲ୍ଲୀଠାରେ ପାଳନ କରାଯାଇଛି। ଦିଲ୍ଲୀର ଏକ ନମ୍ବର ରାଇସୀନା ମାର୍ଗ ସ୍ଥିତ ପ୍ରେସ କ୍ଲବ ଅଫ ଇଣ୍ଡିଆର ସମ୍ମିଳନୀ କକ୍ଷରେ ଏହି ଭବ୍ୟ ସମାରୋହ ହାଇବ୍ରିଡ ଢଙ୍ଗରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ବାସ୍ତବିକ ଢଙ୍ଗରେ ଯୋଗ ଦେଇଥିବା ବେଳେ ଆଭାସୀ ମଞ୍ଚ ଜରିଆରେ ସାରା ବିଶ୍ୱରୁ ବହୁ ଅଗ୍ରଣୀ ନାରୀନେତ୍ରୀ, ୱାର୍ଲଡ ଓଡ଼ିଶା ସୋସାଇଟିର କର୍ମକର୍ତ୍ତା ଓ ସଦସ୍ୟ, ପ୍ରବାସୀ ଓଡ଼ିଆ ତୁଙ୍ଗ ନେତୃବୃନ୍ଦ ଏବଂ ଭାରତର ବିଭିନ୍ନ ପ୍ରଦେଶ ତଥା

ବିଦେଶରେ ଅବସ୍ଥାପିତ ଓଡ଼ିଆ ସମାଜ ଗୁଡ଼ିକର ଛାମୁଆ ପ୍ରତିନିଧିମାନେ ସାମିଲ ହୋଇଥିବା ଦେଖା ଯାଇଥିଲା।ୱାଓସୋ ପକ୍ଷରୁ ପଞ୍ଚମ ଥର ପାଇଁ ଆୟୋଜନ କରାଯାଇଥିବା ଶକ୍ତି ଉତ୍ସବକୁ କେନ୍ଦ୍ରକରି ଉତ୍ସବ ସ୍ଥଳରେ ଉଭୟ ଆୟୋଜକ ଓ ଆଗନ୍ତୁକମାନଙ୍କ ମଧ୍ୟରେ ବେଶ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ପରିଲକ୍ଷିତ କରାଯାଇଥିଲା।

ସମାବେଶକୁ ସମ୍ବୋଧନ କରି ମୁଖ୍ୟବକ୍ତା ୱାଓସୋର ପ୍ରତିଷ୍ଠାତ୍ରୀ ଡଃ. ଅରୁନ୍ଧତୀ ଦେବୀ ସମାଜର ସବୁ ସ୍ତରରେ ମହିଳାମାନେ ସ୍ୱୟଂସମ୍ପନ୍ନା ହେବା ଦିଗରେ ଜୋର ଦେଇଥିଲେ।ଡଃ. ଦେବୀ ୱାଓସୋ ପକ୍ଷରୁ ମହିଳା ବର୍ଗଙ୍କୁ ସମ୍ପନ୍ନ ଓ ସଶକ୍ତ କରିବା ନେଇ ଚାଲୁଥିବା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରି ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ୱାର୍ଲଡ ଓଡ଼ିଶା ସୋସାଇଟିର ମହିଳା ସଦସ୍ୟାମାନେ ଏହି ସଂସ୍ଥାକୁ ଆରମ୍ଭ ସମୟରେ ମାତ୍ର କୋଡ଼ିଏଟି ଦେଶର ସଦସ୍ୟତାରୁ ଆଜି ଚଉସ୍ତରୀଟି ଦେଶ ପର୍ଯ୍ୟନ୍ତ ପହଞ୍ଚାଇବା ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରି ଆସିଥିବା ପ୍ରକାଶ କରିଥିଲେ।

ସଭାରେ ଉଦବୋଧନ ଦେଇ ୱାଓସୋର ଉପଦେଷ୍ଟା ନଳିନୀ ରଞ୍ଜନ ମହାନ୍ତି, ପ୍ରାକ୍ତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ବରିଷ୍ଠ ପ୍ରଶାସକ ସଂଜୀବ ପାଟଯୋଶୀ, ଭାରତୀୟ ପ୍ରେସ କ୍ଲବର ପୂର୍ବତନ ସଭାପତି ଗୌତମ ଲହିରି, କାନବେରାରୁ ୱାଓସୋର ଉପାଧ୍ୟକ୍ଷ ଡଃ. ନଳିନୀ ପତି, ମାଞ୍ଚେଷ୍ଟରରୁ ମହାସଚିବ ଶିବ ରଞ୍ଜନ ବିଶ୍ୱାଳ, ଟରୋଣ୍ଟୋରୁ ମହିଳା ଶାଖା ସଭାପତି ଡଃ. ସୁନନ୍ଦା ମିଶ୍ର ପଣ୍ଡା, ସାରାବିଶ୍ୱରେ ମହିଳାମାନଙ୍କ ସମ୍ମୁଖରେ ସାମ୍ପ୍ରତିକ ପରିସ୍ଥିତିରେ ଥିବା ସମସ୍ୟା ଓ ସୁଯୋଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ୱାଓସୋର ସାଧାରଣ ସମ୍ପାଦକ ପୁଷ୍ପାଞ୍ଜଳି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଶକ୍ତି ଉତ୍ସବ ଅବସରରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ମହୀୟସୀ ମହିଳାମାନଙ୍କୁ ମହାନାରୀ ସମ୍ମାନ ଓ ନାରୀରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ରୋଟାରୀର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର, ସ୍ୱନାମଧନ୍ୟ ସମାଜସେବୀ ତଥା ଲୁମିନସ୍ ଇନଫୋଓ୍ୱେଜର ସହ ପ୍ରତିଷ୍ଠାତ୍ରୀ ଓ ସଭାପତି ଜୟଶ୍ରୀ ମହାନ୍ତି ଏବଂ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ବିଖ୍ୟାତ ଶିକ୍ଷାବିତ ପୂର୍ଣ୍ଣଶ୍ରୀ ରାଉତଙ୍କୁ ମହିଳା ସଶକ୍ତିକରଣ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ମହାନାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମାଜର ବିଭିନ୍ନ କ୍ଷେତ୍ରରେ ନାରୀ ଉତ୍ଥାନ ନେଇ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଥିବା ପ୍ରମୁଖ ମହିଳା ଯଥା: ଡଃ. କିରଣ ଜୈନ, ସରିତା ମହାପାତ୍ର, ଡଃ. ହରପ୍ରିୟା ଧଳ, ପୂଜା ଖଣ୍ଡୁଆଳ, ଡଃ. ଚନ୍ଦନା ରାଉଳ, ସୁଜାତା ଚୌଧୁରୀ, ସବିତା ସାହୁ, ଶୁଭ୍ରଲୀନା ମହାନ୍ତି, ସ୍ନିଗ୍ଧା ଦାସ, ବନ୍ଦନା ମହାନ୍ତି, ମଧୁମିତା ନାୟକ ସାହୁ, ଦୀପିକା ମିଶ୍ର, ମୃଣ୍ମୟୀ ପ୍ରିୟଦର୍ଶିନୀ, ଅଭୀପ୍ସା ରଥ, ଦୀପାଳୀ ପାଣି,ନିବେଦିତା ଜେନା, ପ୍ରଦୋଷ କୁମାରୀ, ସଙ୍ଗୀତା ମହାନ୍ତି, ପ୍ରିୟତମା କର, ସୀମରନ୍ ଜମାନ, ଅର୍ଚ୍ଚନା ପରିଡ଼ା,ସ୍ୱପ୍ନାରାଣୀ ରାଉତ ଏବଂ ରେଣୁକା ଜେନା ପ୍ରମୁଖଙ୍କୁ ନାରୀରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଙ୍ଗାଲୁରୁସ୍ଥିତ ବରିଷ୍ଠ ସାମ୍ବାଦିକ ରଞ୍ଜନ ଆଚାର୍ଯ୍ୟ ଏବଂ ବି .ଏମ୍. ଫାଉଣ୍ଡେସନର ପ୍ରତିଷ୍ଠାତା ବ୍ରଜ ପଣ୍ଡାଙ୍କୁ ମହିଳା ସଶକ୍ତିକରଣ ନେଇ ତାଙ୍କର ବିଶେଷ ଯୋଗଦାନ ଯୋଗୁଁ ଏହି ଅବସରରେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଦକ୍ଷ ଉପସ୍ଥାପିକା ପ୍ରତିମା ଶର୍ମା ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ । ନନ୍ଦନ ଦ୍ୱିବେଦୀ ଓ ଅଙ୍କିତ ମୌର୍ଯ୍ୟ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବଦ୍ରି ମହାପାତ୍ର, ସୁଧୀର କୁମାର ଦାଶ,ସଂଗ୍ରାମ ମିଶ୍ର, ମନ୍ମଥ କୁମାର ରାଉତ,ତନ୍ମୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ମିଶ୍ର, ନିଗମାନନ୍ଦ ପୃଷ୍ଟି, ସଂଜୀବ ଆଚାର୍ଯ୍ୟ, ସଂଗ୍ରାମ ପାଢ଼ୀ, ଉମାକାନ୍ତ ଜେନା, ରବି ପାଣି, ବିଷ୍ଣୁ ପ୍ରଧାନ, ଅନିନ୍ଦିତା ଦାସ, ବିନାୟକ ଦାସ, ବିମଳ ଭଲ, ସତ୍ୟ ନାରାୟଣ ସାହୁ, ଅକ୍ଷୟ ମହାନ୍ତି , ହୃଷୀକେଶ ପାତ୍ର, ଡଃ. ତପନ ମହାନ୍ତ, ଡଃ. ସ୍ମୃତି ରଞ୍ଜନ ନାୟକ, ଜ୍ଞାନ ପ୍ରକାଶ ଜେନା, ଡଃ. ନିବେଦିତା ଗିରି, ଆଚାର୍ଯ୍ୟ ଅଭିମନ୍ୟୁ, ରୀତା ପାତ୍ର, ଶ୍ରୀମନ୍ତ ବିଶ୍ୱାଳ, ସୁରଞ୍ଜିତା ରଣା ଓ ଆଦିତ୍ୟ ପାତ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

ଜାତୀୟ ଚେତନା
JATIYA CHETANA



## ପୁରୀରେ ଚତୁର୍ଥ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କ ପାଇଁ ଆତ୍ମନିର୍ଭରତାର ସ୍ରୋତ 'ସୁଭଦ୍ରା'

ଭୁବନେଶ୍ୱର,(ଜା.ପ୍ର): 'ମହିଳା ସଶକ୍ତିକରଣ ରାଜ୍ୟ ସରକାର ପାଇଁ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ପ୍ରତିବଦ୍ଧତା। ମହିଳାମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ସଶକ୍ତ, ସମୃଦ୍ଧ ଓଡ଼ିଶା ଗଠିତ ହେବ। ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ କରିବାରେ 'ସୁଭଦ୍ରା' ଯୋଜନା ସଫଳ ହୋଇଛି। ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ଦେଇଛି। 'ସୁଭଦ୍ରା' ଯୋଜନା ଆଜି ରାଜ୍ୟର ମହିଳାମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି। ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା' ମାନଙ୍କ ପାଇଁ 'ସୁଭଦ୍ରା' ଯୋଜନା ଏକ ଅଭୂତପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି। ଆଗାମୀ ଦିନରେ ଅଧିକରୁ ଅଧିକ ମା' ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ।' ରବିବାର 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।




ଏହି ଅବସରରେ ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଚତୁର୍ଥ ପର୍ଯ୍ୟାୟରେ ୧,୨,୧୨,୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ପୁରୀ ଜିଲ୍ଲାର ୪,୨୦,୮୫୪ ଜଣ ହିତାଧିକାରୀ ଅଛନ୍ତି।

'ସୁଭଦ୍ରା' ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା ଏବଂ 'ସୁଭଦ୍ରା' ଯୋଜନା ଏହାର ଏକ ସଫଳ ଉଦାହରଣ। ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି। ସେ ପୁଣି କହିଥିଲେ ଯେ ଆଇଆଇଏମ୍ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତାକୁ ବ୍ୟବସାୟ ଆରମ୍ଭ ପାଇଁ ବ୍ୟବହାର କରିଥିବା ବେଳେ ୩୫.୭ ପ୍ରତିଶତ ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏହା ସହିତ ଅନେକ ମହିଳା ଋଣ ପରିଶୋଧ, ସଞ୍ଚୟ ଓ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରହିବ। ମହିଳାମାନଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଗଠନ ହେବ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଆର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ଆମ ସରକାର ଆରମ୍ଭ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଓ 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥି ସହିତ ମୁଖ୍ୟମନ୍ତ୍ରୀ ଗତକାଲି ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗ ଠାରେ କରାଯାଇଥିବା ଅସମ୍ମାନକୁ ଦୃଢ଼ ନିନ୍ଦା କରିବା ସହିତ ଏଭଳି ଅନାଦର କେବଳ ରାଷ୍ଟ୍ରପତିଙ୍କୁ ନୁହେଁ, ସାରା ଦେଶ ପାଇଁ ଓ ସାରା ନାରୀ ସମାଜ ପ୍ରତି ଅସମ୍ମାନ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ସମୀକ୍ଷା ରିପୋର୍ଟ , ମହିଳା ଓ ଶିଶୁ ବିକାଶ ବିଭାଗର ଏକ କଫି ଟେବୁଲ ବୁକ ଓ ବାଲ୍ୟ ବିଭାହ ନିବାରଣ ପାଇଁ ପ୍ରସ୍ତୁତ ହୋଇଥିବା ଏକ ପୁସ୍ତିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ , ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର ,ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନି ଦର୍ଶୱାଲ ସ୍ୱାଗତ ଭାଷଣ ଦେଇଥିଲାବେଳେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଦେଇଥିଲେ।

# ରାଜ୍ୟର ବିକାଶ ଧାରାକୁ ନୂତନ ରୂପ ଦେଉଛନ୍ତି ମହିଳା: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ମହିଳା ସଶକ୍ତିକରଣର ସୁନାମି ଆସିଛି। ଓଡ଼ିଶା ପ୍ରଗତିପଥେ ଅଗ୍ରସର ହେଉଛି। ଓଡ଼ିଶାରେ ମହିଳାମାନେ ରାଜ୍ୟର ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶ ଧାରାକୁ ଏକ ନୂତନ ରୂପ ଦେଉଛନ୍ତି ବୋଲି ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା ଏହା କହିଛନ୍ତି। ପ୍ରଭାତୀ ପରିଡ଼ାଙ୍କ ଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା କମ୍ଭମପାଟି ଜୟଶ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଡଃ ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସୱାଲ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ସମେତ ରାଜ୍ୟର ଅନେକ ବିଶିଷ୍ଟ ଅତିଥି ଏବଂ ସଫଳ ମହିଳାମାନେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତାଙ୍କର ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ସୁସ୍ମିତା ଦାଶ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଡଃ ଆଦ୍ୟାଶା ଦାସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉତ୍ସବକୁ ଅଧିକ ମନୋଜ୍ଞ କରିଥିଲା।

## ପ୍ରଥମ ଅପିଲ ଅର୍ଡର ପାଇବାପାଇଁ ସୂଚନାଅଧିକାର କର୍ମୀଙ୍କ ଧାରଣା: ସିଏମସିରେ ଆରଟିଆଇକୁ ବେଖାତିର !

କଟକ (ଜା. ପ୍ର): ତା ୮.୩. ୨୦୨୬ ରିଖ ଜନସାଧାରଣଙ୍କ ଟିକସ ଅର୍ଥରୁ କଟକ ସହରରେ ସିଏମସି ହେଉଥିବା ଅନେକ ଉନ୍ନତିମୂଳକ କାର୍ଯ୍ୟ,ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା,ଦୁର୍ନୀତି ହେଉଥିବା ଓ ସରକାରୀ ଜାଗାକୁ ବେଆଇନ ଭାବେ ବିକ୍ରୀ, ଭଡାସୂତ୍ରରେ ଲଗାଇବା ଯୋଗୁଁ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ସିଏମସିକୁ ଏକାଧିକ ସୂଚନାଅଧିକାର ଆଇନରେ ତଥ୍ୟ ମାଗିବା ପରେ ଧାର୍ଯ୍ୟ ସମୟସୀମାରେ ଏହି ତଥ୍ୟ ନମିଳିବାରୁ ପ୍ରଥମ ଅପିଲ କରିଥିଲେ ।ପ୍ରଥମ ଅପିଲ ଶୁଣାଣୀ କରିବା ପାଇଁ ବାରମ୍ବାର ତାରିଖ ଧାର୍ଯ୍ୟ କରିବା, ଅପିଲ ଶୁଣାଣୀରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବା ଓ ଅପିଲ ଶୁଣାଣୀ ପରେ ଅପିଲ ଅର୍ଡର କପି ମିଳୁନଥିବା ନେଇ ସିଏମସି କମିଶନରଙ୍କୁ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ କରିବା ପରେ କୌଣସି ତଥ୍ୟ,ଅପିଲ ଅର୍ଡର କପି ମିଳୁନଥିବା ସହ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରୁଥିବା ବିଭାଗୀୟ ଅଧିକାରୀଙ୍କୁ ପ୍ରଶୟ ଦେଉଥିବା ଅଭିଯୋଗ କରିଛନ୍ତି ଜିତେନ୍ଦ୍ର। ସୂଚନାଅଧିକାର ଆଇନକୁ ବେଖାତିର କରୁଥିବା କାର୍ଯ୍ୟରତ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ କର୍ତ୍ତୃପକ୍ଷ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଅର୍ଡର କପି ପାଇବା ପାଇଁ ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ।କିଛି ସମୟ ଧାରଣାରେ ବସିବା ପରେ ସିଏମସି ଅତିରିକ୍ତ କମିଶନର କଳ୍ପତରୁ ବେହେରା ଜିତେନ୍ଦ୍ରଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ ।ରାଜ୍ୟ ସରକାର ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ ବୋଲି ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଚାରପ୍ରସାର କରୁଥିବା ବେଳେ କଟକ ମହାନଗର ନିଗମରେ ଏହା ସଂପୂର୍ଣ୍ଣ ବିଫଳ ବୋଲି ଦେଖାଯାଉଛି। ସୂଚନାଅଧିକାର ଆଇନକୁ ବେଖାତିର କରୁଥିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ସୂଚନା କମିଶନଙ୍କୁ ଅଭିଯୋଗ କରିବେ ବୋଲି ଜିତେନ୍ଦ୍ର ଜଣାଇଛନ୍ତି।




# ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ !

ନୂଆଦିଲ୍ଲୀ,(ଏଜେନ୍ସି): ନବମ ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀ ପାଇଁ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସିଲିଗୁଡ଼ି ଗସ୍ତ ଅବସରରେ ତାଙ୍କୁ ଅସମ୍ମାନ କରାଯାଇଛି। ପ୍ରୋଟୋକଲ୍ ଅନୁସାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହିବା କଥା । କିନ୍ତୁ ସ୍ୱାଗତ ପାଇଁ ମୁଖ୍ୟମନ୍ତ୍ରୀ କି ତାଙ୍କ କ୍ୟାବିନେଟ୍‌ର କୌଣସି ମନ୍ତ୍ରୀ ନଥିଲେ। ବିମାନବନ୍ଦରରେ କେବଳ ଶିଲିଗୁଡ଼ିର ମେୟର ଗୌତମ ଦେବ ଉପସ୍ଥିତ ଥିଲେ। କେବଳ ସେତିକି ନୁହେଁ ଏହି କାର୍ଯ୍ୟକ୍ରମ ପ୍ରଥମେ ଶିଲିଗୁଡ଼ିର ବିଧାନନଗରଠାରେ ଥିବା ଏକ ବଡ଼ ପଡ଼ିଆରେ ଅନୁଷ୍ଠିତ ହେବାର ଥିଲା, କିନ୍ତୁ ସୁରକ୍ଷା କାରଣ ଦର୍ଶାଇ ପ୍ରଶାସନ ଏହାକୁ ବାଗଡୋଗ୍ରା ବିମାନବନ୍ଦର ନିକଟସ୍ଥ ଗୋସାଇଁପୁରର ଏକ ଛୋଟ ସ୍ଥାନକୁ ସ୍ଥାନାନ୍ତର କରିଥିଲା। ଯାହାକୁ ନେଇ ରାଷ୍ଟ୍ରପତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏକ ସାର୍ବଜାନୀନ କାର୍ଯ୍ୟକ୍ରମରେ ମଞ୍ଚ ଉପରୁ ବେଙ୍ଗଲ ସରକାରଙ୍କ କାର୍ଯ୍ୟଶୈଳୀକୁ ନିନ୍ଦା କରିଛନ୍ତି। ଉତ୍ତର ବେଙ୍ଗଲରେ ଏକ ଅନ୍ତର୍ଜାତୀୟ ଆଦିବାସୀ ସମ୍ମିଳନୀ ହେବାର ଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଠାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥାନ୍ତେ । କିନ୍ତୁ ରାଜ୍ୟ ସରକାର ସେହି ସ୍ଥାନରେ ଆୟୋଜନ ପାଇଁ ଅନୁମତି ଦେଇନଥିଲେ। ଆୟୋଜନ ସ୍ଥଳ ପରିବର୍ତ୍ତନ ଓ ଲୋକଙ୍କ ପ୍ରତି ପ୍ରଶାସନର ବ୍ୟବହାରକୁ ନେଇ ରାଷ୍ଟ୍ରପତି ଅସନ୍ତୋଷ ପ୍ରକାଶ କରିଛନ୍ତି। ସାର୍ବଜନୀନ ମଞ୍ଚରୁ ରାଷ୍ଟ୍ରପତିଙ୍କ ଏଭଳି ଅସନ୍ତୋଷ ପ୍ରକାଶ କରିବା ପ୍ରଥମ ଘଟଣା।

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିଲିଗୁଡ଼ି ଗୋସାଇଁପୁର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଉତ୍ତରା ମଇଦାନରେ ନବମ ଅନ୍ତର୍ଜାତୀୟ ଆଦିବାସୀ ଏବଂ ସାନ୍ତାଳ ପରିଷଦ ସମ୍ମିଳନୀରେ ଯୋଗ ଦେଇଥିଲେ । ଯଦିଓ ଏହି ସମ୍ମିଳନୀ ପ୍ରଥମେ ଫାନସିଡେୱା ବ୍ଲକର ବିଧାନନଗରର ସନ୍ତୋଷିନୀ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାର ଥିଲା । ଯେହେତୁ ସେହି ଅଞ୍ଚଳରେ ମୁଖ୍ୟତଃ ଚା' ବଗିଚା ଶ୍ରମିକ ଏବଂ ଆଦିବାସୀମାନେ ବସବାସ କରନ୍ତି, ତେଣୁ ସେଠାରେ ସମ୍ମିଳନୀ ଆୟୋଜନ କରାଯିବାର ଥିଲା । କିନ୍ତୁ ପରେ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ୍ ଦୃଷ୍ଟିରୁ ସ୍ଥାନଟି ଗୋସାଇଁପୁରକୁ ପରିବର୍ତ୍ତନ କରାଯାଇଥିଲା । ଯାହାକୁ ନେଇ ରାଷ୍ଟ୍ରପତି କ୍ଷୋଭ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ; ସମ୍ମିଳନୀ ସମାପ୍ତ କରି ବିମାନବନ୍ଦରକୁ ଫେରିବା ପୂର୍ବରୁ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହଠାତ୍ ବିଧାନନଗରରେ ଆୟୋଜିତ ଆଦିବାସୀଙ୍କ ଅନ୍ୟ ଏକ ବୈଠକରେ ଉପସ୍ଥିତ ହୋଇଥିଲେ। କିନ୍ତୁ ତାଙ୍କ ସାଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯାଇନଥିଲେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ କହିଥିଲେ,' ପୂର୍ବରୁ, ସମ୍ମିଳନୀ ଏଠାରେ ଅନୁଷ୍ଠିତ ହେବାର କଥା ଥିଲା । ହଠାତ୍, ମୁଁ ଜାଣିନାହିଁ କ'ଣ ହେଲା, କାହିଁକି ? କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇନଥିଲା । ତେଣୁ ମୁଁ ଏଠାକୁ ଆସିବା ପାଇଁ ଚାହିଁଲି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରି ରାଷ୍ଟ୍ରପତି କହିଥିଲେ,' ସାଧାରଣତଃ ଯେତେବେଳେ ରାଷ୍ଟ୍ରପତି ଆସନ୍ତି, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀମାନେ ସେଠାରେ ଥାଆନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀ ଆସି ନଥିଲେ । ମୁଁ ମଧ୍ୟ ଜଣେ ବଙ୍ଗୀୟ ଝିଅ । କିନ୍ତୁ ମୋତେ ଏଠାକୁ ଆସିବାକୁ ଅନୁମତି ଦିଆଯାଏ ନାହିଁ। ମମତା ମୋ ଭଉଣୀ ପରି। ସେ ମୋ ଉପରେ କାହିଁକି ରାଗିଛନ୍ତି ମୁଁ ଜାଣିନାହିଁ !' ସେ ଏହା ମଧ୍ୟ କହିଥିଲେ, 'ଏହି ଭୂମି ମଧ୍ୟ ଯଥେଷ୍ଟ ବଡ଼ ଥିଲା। ପାଞ୍ଚ ଲକ୍ଷ ଲୋକ ଏଠାରେ ଏକାଠି ହୋଇପାରିଥାନ୍ତେ । ତଥାପି, ମୁଁ ଜାଣିନାହିଁ କାହିଁକି ଏଠାରେ କାର୍ଯ୍ୟକ୍ରମ ଆୟୋଜନ କରାଗଲା ନାହିଁ ।'

ଜାତୀୟ ଚେତନା
JATIYA CHETANA

## ସମୀର ୱାଙ୍ଖଡେ ମାମଲା: ନ୍ୟାୟିକ ହସ୍ତକ୍ଷେପ

ନୀତି ଆୟୋଗର ସିଇଓ ଭାବେ ବିଭିଆର୍ ସୁବ୍ରମଣ୍ୟମଙ୍କ ବୃଦ୍ଧି ହୋଇଥିବା କାର୍ଯ୍ୟକାଳ ଏବେ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀରେ ପରବର୍ତ୍ତୀ ସିଇଓ କିଏ ହେବେ, ତାହାକୁ ନେଇ ଆଭ୍ୟନ୍ତରୀଣ ଆଲୋଚନା ଚାଲିଥିବା ବେଳେ ବର୍ତ୍ତମାନ ପାଇଁ ନିଧି ଛିବର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅମଲାତନ୍ତ୍ରିକ ଭାଷାରେ ଏହାର ଅର୍ଥ ହେଉଛି- କାହାକୁ ଦାୟିତ୍ୱ ଦିଆଯିବ ତାହା ନିଷ୍ପତ୍ତି ହେବାଯାଏ ବ୍ୟବସ୍ଥାକୁ ନିଷ୍କ୍ରିୟ ବା ସ୍ଥିତାବସ୍ଥାରେ ରଖନ୍ତୁ। କିନ୍ତୁ ଏହା କେବଳ ନାମଫଳକ ବଦଳାଇବା ବିଷୟରେ ନୁହେଁ। ଯୋଜନା ଆୟୋଗ ସ୍ଥାନରେ ନୀତି ଆୟୋଗ ହୋଇଥାଇପାରେ, କିନ୍ତୁ ରାଜନୈତିକ ଦୃଷ୍ଟିରୁ ଏହାର ନୀତିଗତ ମହତ୍ତ୍ୱାକାଂକ୍ଷା ବେଶ୍ ବ୍ୟାପକ। ଜଣେ ସିଇଓ ଭାବେ ସଂସ୍କାର, ସଂଘୀୟ ଆଲୋଚନା ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାକୁ ଗୁରୁତ୍ୱ ଦେବା ସହ ଏକ ବୈଚାରିକ ସମନ୍ୱୟ ରକ୍ଷା କରିବା ଆବଶ୍ୟକ। ସୁବ୍ରମଣ୍ୟମ୍? ଦାୟିତ୍ୱରେ ଥିବାବେଳେ ପ୍ରଶାସନିକ ଗତିଶୀଳତା ଓ ସ୍ୱଚ୍ଛତାକୁ ସାମ୍ନାକୁ ଆଣିଥିଲେ।

ପରବର୍ତ୍ତୀ ସିଇଓ ସରକାରଙ୍କ ଏବକାର ଭାବନାକୁ ହିଁ ପ୍ରକାଶ କରିବେ। ଏହି ଚୟନ ପ୍ରକ୍ରିୟା ମଧ୍ୟରେ ଏକ ବଡ଼ ପ୍ରଶ୍ନ ଉଙ୍କି ମାରୁଛି ଯେ, ସରକାର ଜଣେ ସାହସୀ ସଂସ୍କାରବାଦୀ ବ୍ୟକ୍ତି ଚାହାନ୍ତି, ଜଣେ ସ୍ଥିର ସଂସ୍ଥାଗତ ପରିଚାଳକ କିମ୍ବା ଜଣେ ବିଶ୍ୱସ୍ତ କର୍ମଚାରୀ, ଯିଏ ଖବର ତୁଳନାରେ କାର୍ଯ୍ୟାନ୍ୱୟନକୁ ଅଧିକ ପସନ୍ଦ କରନ୍ତି? ବାସ୍ତବରେ, ଏବର ଶାସନ ବ୍ୟବସ୍ଥାରେ 'ଥିଙ୍କ ଟ୍ୟାଙ୍କ' ପ୍ରାୟ ଏକ ଭୁଲ୍ ନାମ, କାରଣ ନୀତି ଆୟୋଗ କେବଳ ଚିନ୍ତା କରେ ନାହିଁ; ଏହା ପ୍ରୋତ୍ସାହିତ କରେ ଏବଂ ସମନ୍ୱୟ ରକ୍ଷା କରେ। ସିଇଓଙ୍କ ପଦବୀ ଭାରତର ଭବିଷ୍ୟତ ବିଷୟରେ କେବଳ ପରାମର୍ଶ ଦିଏ ନାହିଁ, ବରଂ ପ୍ରମୁଖ ଯୋଜନାଗୁଡ଼ିକ ଯେମିତି ଆନ୍ତଃ-ମନ୍ତ୍ରଣାଳୟ ବିଭେଦ ମଧ୍ୟରେ ସତ୍ତା ନ ହରାଏ ତାହା ନିଶ୍ଚିତ କରିଥାଏ। ତେଣୁ ପରବର୍ତ୍ତୀ ସିଇଓ କେବଳ ଏକ ନୀତିଗତ ସଂସ୍ଥା ଚଳାଇବେ ନାହିଁ, ବରଂ ଶାସନର ଏକ ନୂତନ ପର୍ଯ୍ୟାୟକୁ ଗ୍ରହଣ କରିବେ।

ଆଇଆର୍‌ଏସ୍ ଅଧିକାରୀ ସମୀର ୱାଙ୍ଖଡେଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଚାଲିଥିବା ଆଇନଗତ ଲଢ଼େଇରେ ଏବେ ଏକ ନୂଆ ମୋଡ଼ ଆସିଛି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ୱାଙ୍ଖଡେଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ କିଛି ସମୟ ପାଇଁ ରୋକି ଦେଇଥିଲେ ହେଁ, ନିକଟରେ ଦିଲ୍ଲୀ ହାଇକୋର୍ଟ ଏହି ଆଦେଶକୁ ଖାରଜ କରିଦେଇଛନ୍ତି। ଏହାର ସିଧାସଳଖ ଅର୍ଥ ହେଉଛି, ୱାଙ୍ଖଡେଙ୍କ ବିରୋଧରେ ଜାରି ହୋଇଥିବା 'ଚାର୍ଜ ମେମୋ' ବା ବିଭାଗୀୟ ଚିଠି ଏବେ ପୁଣି ବଳବତ୍ତର ରହିଛି ଏବଂ ତଦନ୍ତ ପାଇଁ ବାଟ ପୂରାପୂରି ଖୋଲା ରହିଛି। ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ 'ଚାର୍ଜ ମେମୋ'ର ଅର୍ଥ କୌଣସି ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ନୁହେଁ, ବରଂ ଏହା ତଦନ୍ତର ଏକ ପ୍ରାରମ୍ଭିକ ସୂଚନା। ଯଦି କୌଣସି କାର୍ଯ୍ୟରେ ବେଆଇନ କାର୍ଯ୍ୟ ହୋଇଥିବାର ଅଭିଯୋଗ ଥାଏ, ତେବେ ବିଭାଗୀୟ ପ୍ରକ୍ରିୟାକୁ ତା' ବାଟରେ ଯିବାକୁ ଦେବା ଉଚିତ। ସିଏଟି ପୂର୍ବରୁ ଏହି ପଦକ୍ଷେପ ପଛରେ ଥିବା ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇ ପକ୍ଷପାତିତା ପ୍ରତି ଇଙ୍ଗିତ କରିଥିଲେ। ମାତ୍ର ହାଇକୋର୍ଟ ଏହାକୁ ଗ୍ରହଣ ନକରି କହିଛନ୍ତି ଯେ, ଦ୍ୱେଷ ବା ପକ୍ଷପାତ ଅଭିଯୋଗକୁ ବିଚାର ଆରମ୍ଭରୁ ହିଁ ଗ୍ରହଣ କରାଯାଇପାରିବ ନାହିଁ।

ଦିଲ୍ଲୀ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ କେବଳ ୨୦୨୧ କ୍ରୁଜ ଡ୍ରଗ୍ସ ମାମଲାର ପରବର୍ତ୍ତୀ ପରିଣାମ ନୁହେଁ, ବରଂ ଏହା ସର୍ଭିସ ବା ଚାକିରି ସଂକ୍ରାନ୍ତୀୟ ମାମଲାରେ ଟ୍ରିବ୍ୟୁନାଲ ଏବଂ କୋର୍ଟମାନଙ୍କର ସୀମାକୁ ସୂଚିତ କରେ। ଯଦି ପ୍ରତ୍ୟେକ ଚାର୍ଜ ମେମୋକୁ ଆରମ୍ଭରୁ ନ୍ୟାୟିକ ବିଶ୍ଳେଷଣ କରାଯାଏ, ତେବେ ବିଭାଗୀୟ ଅନୁଶାସନ ରକ୍ଷା କରିବା କଷ୍ଟକର ହୋଇପଡ଼ିବ। ୱାଙ୍ଖଡେଙ୍କ ମାମଲା ପୂର୍ବରୁ କୋର୍ଟ ରୁମ୍ ଏବଂ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇସାରିଛି। ବର୍ତ୍ତମାନ ଏହା ପୁଣିଥରେ ଆଭ୍ୟନ୍ତରୀଣ ତଦନ୍ତର ପରିସରଭୁକ୍ତ ହୋଇଥିବା ବେଳେ, ଏହି ପ୍ରକ୍ରିୟାର ଶେଷ କେବେ ଏବଂ କିପରି ହେବ, ତାହା ଦେଖିବାକୁ ବାକି ରହିଲା।

ଉତ୍ତର ପ୍ରଦେଶ ପ୍ରଶାସନିକ ଗଳିରେ ଏବେ ଏକ ଚର୍ଚ୍ଚା ଜୋର ଧରିଛି- ଅନ୍ୟ ବାବୁମାନେ ଅବସର ନେଉଛନ୍ତି, କିନ୍ତୁ ଅବନୀଶ ଅୱସ୍ତିଙ୍କ କାର୍ଯ୍ୟକାଳ ବଢ଼ିଚାଲିଛି। ଯଦି ଅମଲାତନ୍ତ୍ରିକ କାର୍ଯ୍ୟକାଳ ବୃଦ୍ଧିକୁ ଏକ ପ୍ରତିଯୋଗିତା ଭାବେ ଦେଖାଯାଏ, ତେବେ ୧୯୮୭ ବ୍ୟାଚର ଏହି ଅଭିଜ୍ଞ ଆଇଏଏସ୍ ଅଧିକାରୀ ନିଶ୍ଚିତ ଭାବେ ବିଜୟୀ ହେବେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମୁଖ୍ୟ ପରାମର୍ଶଦାତା ଭାବରେ ତାଙ୍କ କାର୍ଯ୍ୟକାଳକୁ ଏବେ ଚତୁର୍ଥ ଥର ପାଇଁ ବୃଦ୍ଧି କରାଯାଇଛି, ଯାହା ତାଙ୍କୁ ଆସନ୍ତା ବର୍ଷ ଫେବୃଆରୀ ପର୍ଯ୍ୟନ୍ତ କ୍ଷମତା କେନ୍ଦ୍ରରେ ରଖିବ। ଅଗଷ୍ଟ ୨୦୨୨ରେ ଆନୁଷ୍ଠାନିକ ଅବସର ନେବା ପୂର୍ବରୁ ଅୱସ୍ତି ଗୃହ ଓ ସୂଚନା ଭଳି ଶକ୍ତିଶାଳୀ ବିଭାଗର ନେତୃତ୍ୱ ନେଇ ନିଜର ଦକ୍ଷତା ପ୍ରମାଣିତ କରିସାରିଛନ୍ତି। କିନ୍ତୁ ଅବସର ପରେ ତାଙ୍କୁ ମିଳିଥିବା 'ଅସ୍ଥାୟୀ' ପରାମର୍ଶଦାତା ପଦବୀଟି ଏବେ ଏକ 'ସ୍ଥାୟୀ' ବ୍ୟବସ୍ଥାରେ ପରିଣତ ହୋଇଛି। ବିଶେଷ କରି ୨୦୨୭ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଯୋଗୀ ସରକାର ଜଣେ ବିଶ୍ୱସ୍ତ ତଥା ଅଭିଜ୍ଞ ପ୍ରଶାସକଙ୍କୁ ପାଖରେ ରଖିବାକୁ ଚାହୁଁଛନ୍ତି, ଯିଏ ନୀତି ନିର୍ଦ୍ଧାରଣ ଓ ରାଜନୈତିକ ପରିଚାଳନାରେ ସିଦ୍ଧହସ୍ତ। ଏଠାରେ ପ୍ରଶ୍ନ ଉଠେ, ଯେତେବେଳେ ଜଣେ ଅବସରପ୍ରାପ୍ତ ବାବୁଙ୍କୁ ସରକାର ଲଗାତର ଦାୟିତ୍ୱରେ ରଖନ୍ତି, ତାହା କ'ଣ ସୂଚିତ କରେ? ଏହା କ'ଣ କେବଳ ଚାକିରି ସୁରକ୍ଷା ନା ପ୍ରଶାସନରେ ବିକଳ୍ପର ଅଭାବ? ଯାହା ହେଉ, ଲକ୍ଷ୍ନୌର କ୍ଷମତା କରିଡରରେ ଏହି ପରାମର୍ଶଦାତା ନିଯୁକ୍ତି ଏବେ ଏକ 'ଖୋଲା ଚୁକ୍ତି' ଭଳି ମନେହେଉଛି, ଯେଉଁଠି ଅଭିଜ୍ଞତା ଓ ବିଶ୍ୱସ୍ତତା ସବୁଠାରୁ ବଡ଼ ଯୋଗ୍ୟତା।

# ବୈଶ୍ୱିକ ତୈଳ ବଜାରର ଛଳନା, ଆମେରିକୀୟ ଖାଉନ୍ଦପଣ

ମମତା ସାହୁ

ବୈଶ୍ୱିକ ରାଜନୀତିର ରଙ୍ଗମଞ୍ଚରେ ଆମେରିକାର ନୈତିକତା ସବୁବେଳେ ନିଜ ସୁବିଧା ଅନୁସାରେ ବଦଳିଥାଏ। ବିଦେଶୀ ସମ୍ବାଦ ସଂସ୍ଥା ରଏଟର୍ସ ଓ ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଭାରତ ପୁନର୍ବାର ରୁଷଠାରୁ ତୈଳ କ୍ରୟ ଆରମ୍ଭ କରିଛି। ଏହା ସେହି ସମୟରେ ଘଟୁଛି, ଯେତେବେଳେ ପ୍ରାୟ ବର୍ଷେ ଧରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଚାପ ପ୍ରୟୋଗ କରି ରୁଷୀୟ ତୈଳ କ୍ରୟରେ ବିରାମ ଲଗାଇଥିଲେ। କେବଳ ସେତିକି ନୁହେଁ, ୫୦ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇ ଭାରତକୁ ଏକପ୍ରକାର ନାଚାର କରିବାକୁ ଚେଷ୍ଟା କରାଯାଇଥିଲା। ତେବେ ଜିଦଖୋର ଟ୍ରମ୍ପଙ୍କ ପାଇଁ ଭାରତର ଏହି ନିଷ୍ପତ୍ତି ରୁଚିକର ନହେଲେ ହେଁ, ବର୍ତ୍ତମାନର ବୈଶ୍ୱିକ ସ୍ଥିତି ଆମେରିକାକୁ ନିଜ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ କରିଛି।

ନିକଟରେ ଆମେରିକା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଏକ ସନ୍ଦେଶରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକୁ ମାତ୍ର ୩୦ ଦିନ ପାଇଁ ରୁଷଠାରୁ ତୈଳ କ୍ରୟ କରିବାକୁ 'ଅନୁମତି' ଦିଆଯାଇଛି। ଏହାର କାରଣ ଭାବେ ବିଶ୍ୱ ତୈଳ ସଙ୍କଟକୁ ଦର୍ଶାଯାଇଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ, ଭାରତ ଭଳି ପୃଥିବୀର ଚତୁର୍ଥ ବୃହତ୍ତମ ଅର୍ଥନୀତି ପାଇଁ ଆମେରିକାର ଏଭଳି 'ଅନୁମତି' ବା 'ଖାଉନ୍ଦପଣ' କ'ଣ ଅବମାନନାମୂଳକ ନୁହେଁ? ଯେତେବେଳେ ନିଜର ସ୍ୱାର୍ଥ ସାଧନ ହୁଏ, ସେତେବେଳେ ରୁଷୀୟ ତୈଳ 'ସ୍ପୃଶ୍ୟ' ହୋଇଯାଏ, ଅନ୍ୟଥା ତାହା ଉପରେ କଟକଣା ଜାରି କରାଯାଏ।

ଟ୍ରମ୍ପଙ୍କ ନୈତିକତା ଉପରେ ଆଉ ଏକ ବଡ଼ ପ୍ରଶ୍ନଚିହ୍ନ ଲାଗେ ଯେ, ଯଦି ଭେନେଜୁଏଲାର ତୈଳ ବିକ୍ରିରୁ ଆମେରିକା ଲାଭ କରୁଥିବା ଅର୍ଥ ମଧ୍ୟ-ପ୍ରାଚ୍ୟ ଯୁଦ୍ଧରେ ବିନିଯୋଗ ହୁଏ, ତେବେ ତାହା କେତେଦୂର ଯୁକ୍ତିଯୁକ୍ତ? ଆମେରିକା ନିଜର ଆର୍ଥିକ ଲାଭ ପାଇଁ ଯେଉଁ ମାନଦଣ୍ଡ ସ୍ଥିର କରେ, ତାହା ଅନ୍ୟ ଦେଶମାନଙ୍କ ଉପରେ ଲଦି ଦେବା କେତେଦୂର ଠିକ୍ ବାସ୍ତବରେ, ବିଶ୍ୱ ତୈଳ ବଜାରରେ ଅବାଧ ପ୍ରବାହ ନାଁରେ ଆମେରିକା ନିଜର ଆଧିପତ୍ୟ ଜାହିର କରୁଛି। ମାତ୍ର ଭାରତ ଭଳି ଏକ ସାର୍ବଭୌମ ଓ ଶକ୍ତିଶାଳୀ ରାଷ୍ଟ୍ର ପାଇଁ ଆମେରିକାର ଏହି ମାଲିକାନା ମନୋଭାବ ଏକ ଗମ୍ଭୀର ଆତ୍ମସମ୍ମାନର ବିଷୟ।

ବର୍ତ୍ତମାନ ବିଶ୍ୱ ତୈଳ ବଜାରରେ ଏକ ଅଜବ ସ୍ଥିତି ସୃଷ୍ଟି ହୋଇଛି। ରଏଟର୍ସର ରିପୋର୍ଟ ଅନୁସାରେ, ରୁଷର ଏକ ଖଣିଜ ତୈଳ ବୋଝେଇ ଟ୍ୟାଙ୍କର ଓଡ଼ିଶାର ପାରାଦୀପ ବନ୍ଦରରେ ଲଙ୍ଗର ପକାଇଥିବା ବେଳେ ୭ ଲକ୍ଷ ବ୍ୟାରେଲ ତୈଳ ଧରି ଦ୍ୱିତୀୟ ଜାହାଜଟି ଗୁଜରାଟର ବାଡ଼ିନାର ବନ୍ଦରରେ ପହଞ୍ଚିବାକୁ ଯାଉଛି। କେବଳ ସେତିକି ନୁହେଁ, 'କେପଲର' ସଂସ୍ଥାର ସୂଚନା ମୁତାବକ ପ୍ରାୟ ୩୦ ନିୟୁତ ଗ୍ୟାଲନ ତୈଳ ଧରି ଅନେକ ରୁଷୀୟ ଜାହାଜ ଭାରତ ମହାସାଗର ଓ ଆରବ ସାଗରରେ ଭାସି ବୁଲୁଛନ୍ତି। ଏମାନେ ସମସ୍ତେ ଭାରତର ସମ୍ମତିକୁ ଅପେକ୍ଷା କରିଛନ୍ତି; ସମ୍ମତି ନମିଳିଲେ ଏହି ଜାହାଜଗୁଡ଼ିକ ଚୀନ ଅଭିମୁଖେ ଯାତ୍ରା କରିବେ।

ଏଭଳି ପରିସ୍ଥିତିରେ ଭାରତ ପାଇଁ ନିଷ୍ପତ୍ତି ନେବା ଏକ ଜଟିଳ ଆହ୍ୱାନ। ଦେଶରେ ଅଶୋଧିତ ତୈଳର ଅଭାବ ପ୍ରଭାବ ପକାଇବା ଆରମ୍ଭ କଲାଣି। ମାଙ୍ଗାଲୋର ରିଫାଇନେରି ଭଳି ରାଷ୍ଟ୍ରାୟତ୍ତ ସଂସ୍ଥା ନିଜର ଉତ୍ପାଦନ ପ୍ରାୟତଃ ବନ୍ଦ କରିଦେଇଥିବା ବେଳେ ଇଣ୍ଡିଆନ ଅଏଲ ଓ ଭାରତ ପେଟ୍ରୋଲିଅମକୁ ଲିଟର ପିଛା ୨୦ ଟଙ୍କା କ୍ଷତି ସହିବାକୁ ପଡୁଛି। ସାଧାରଣ ଜ୍ଞାନ କହୁଛି ଯେ, ନିକଟରେ ଉପଲବ୍ଧ ରୁଷୀୟ ତୈଳକୁ କ୍ରୟ କରି ଭାରତ ନିଜର ଅର୍ଥନୀତିକୁ ସୁରକ୍ଷିତ ରଖିବା ଉଚିତ। କିନ୍ତୁ ଏଠାରେ ବାଧା ସାଜିଛି ଆମେରିକା ଓ କେତେକ ୟୁରୋପୀୟ ରାଷ୍ଟ୍ରଙ୍କ ଦ୍ୱାରା ଜାରି କରାଯାଇଥିବା 'ଅସ୍ପୃଶ୍ୟ' ମନୋଭାବ।

ଏହି ଭୂ-ରାଜନୈତିକ ସଂଘର୍ଷରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ, ଯେଉଁ ରାଷ୍ଟ୍ରମାନେ ନୈତିକତାର ଦୁହାଇ ଦେଇ ରୁଷୀୟ ତୈଳ ଉପରେ କଟକଣା ଲଗାଉଛନ୍ତି, ସେମାନେ ନିଜର ସୁବିଧା ପାଇଁ ଅନ୍ୟ ଦ୍ୱାର ଖୋଲା ରଖିଛନ୍ତି। ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରକୁ ନିଜର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଶସ୍ତା ଓ ସହଜ ତୈଳର ଆବଶ୍ୟକତା ରହିଛି। ଆମେରିକାର ଚାପରେ ଭାରତ ଯଦି ନିଜର ଅର୍ଥନୈତିକ ସ୍ୱାର୍ଥକୁ ବଳି ଦିଏ, ତେବେ ତାହା କେବଳ ବିଡ଼ମ୍ବନା ନୁହେଁ, ବରଂ ଏକ କୂଟନୈତିକ ପରାଜୟ ବୋଲି ବିବେଚନା କରାଯିବ।

ରୁଷୀୟ ତୈଳ କ୍ରୟରୁ ଭାରତକୁ ନିବୃତ୍ତ ରଖିବା ପାଇଁ ଟ୍ରମ୍ପ ଦର୍ଶାଉଥିବା ନୈତିକତାର ଯୁକ୍ତି ଅତ୍ୟନ୍ତ ବିଚିତ୍ର। ତାଙ୍କ ମତରେ, ରୁଷଠାରୁ ତୈଳ କିଣିବା ଅର୍ଥ ୟୁକ୍ରେନରେ ହେଉଥିବା ରକ୍ତପାତରେ ଭାରତର ହାତ ରହିବା। କିନ୍ତୁ ବିଶ୍ୱ ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ, ଖଣିଜ ତୈଳ ବ୍ୟବସାୟରେ ଆମେରିକାର ସ୍ୱାର୍ଥ ଓ ଆଧିପତ୍ୟକୁ ଅମାନ୍ୟ କରୁଥିବା ରାଷ୍ଟ୍ରଗୁଡ଼ିକ ହିଁ ସବୁଠାରୁ ଅଧିକ ରକ୍ତପାତ ଓ ବିଧ୍ୱଂସର ଶିକାର ହୋଇଛନ୍ତି।

ଇତିହାସ ସାକ୍ଷୀ ଅଛି, ଖଣିଜ ତୈଳ କାରବାରରେ ଆମେରିକାର ଇଙ୍ଗିତକୁ ଭ୍ରୂକ୍ଷେପ ନକରିବା କାରଣରୁ ଇରାକର ସଦ୍ଦାମ ହୁସେନ ଆମେରିକାର ମିତ୍ରରୁ ଶତ୍ରୁ ପାଲଟିଲେ। ଫଳସ୍ୱରୂପ, ଗଲ୍ଫ ଯୁଦ୍ଧରେ ଇରାକ ଧ୍ୱସ୍ତବିଧ୍ୱସ୍ତ ହେଲା ଏବଂ ସଦ୍ଦାମଙ୍କୁ ମୃତ୍ୟୁଦଣ୍ଡ ମିଳିଲା। ବିଶେଷଜ୍ଞଙ୍କ ମତରେ, ଇରାକ ହେଉ ବା ଲିବିୟା, ଭେନେଜୁଏଲା ହେଉ ବା ଇରାନ-ଏହି ସମସ୍ତ ରାଷ୍ଟ୍ର ବିରୋଧରେ ଆମେରିକାର ଆକ୍ରୋଶ ପଛରେ ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ, ଏହି ଦେଶଗୁଡ଼ିକ ପ୍ରଚୁର ତୈଳ ସମ୍ପଦରେ ସମୃଦ୍ଧ ଏବଂ ଦ୍ୱିତୀୟତଃ, ସେଠାକାର ସରକାର ତୈଳ ବିପଣନ କ୍ଷେତ୍ରରେ ଆମେରିକାର କର୍ତ୍ତୃତ୍ୱକୁ ଗ୍ରହଣ କରିନାହାନ୍ତି।

ଭେନେଜୁଏଲାରେ ଗଚ୍ଛିତ ୩୦୩ ବିଲିଅନ ବ୍ୟାରେଲ ଏବଂ ଇରାନର ୨୦୮ ବିଲିଅନ ବ୍ୟାରେଲ ତୈଳ ସମ୍ପଦ ଉପରେ ଆମେରିକାର ଲୋଲୁପ ଦୃଷ୍ଟି ସର୍ବବିଦିତ। ସମ୍ପ୍ରତି ଇରାନ ଉପରେ ହେଉଥିବା ଆକ୍ରମଣ ସେହି ପୁରୁଣା ରଣକୌଶଳର ଏକ ଅଂଶ, ଯାହାର ଉଦ୍ଦେଶ୍ୟ ହେଉଛି ଏକ ସ୍ୱାଧୀନ ସ୍ୱରକୁ ଚୂର୍ଣ୍ଣ କରି ନିଜର ବଶ୍ୟତା ସ୍ୱୀକାର କରାଇବା। ରୁଷୀୟ ତୈଳକୁ 'ଅସ୍ପୃଶ୍ୟ' ବୋଲି କହି ନୈତିକତାର ପ୍ରଲେପ ଲଗାଉଥିବା ଆମେରିକା ନିଜର ସ୍ୱାର୍ଥ ପାଇଁ ଅନେକ ସାର୍ବଭୌମ ରାଷ୍ଟ୍ରକୁ ଭୂଲୁଣ୍ଠିତ କରିଛି ଏବଂ ନିରୀହ ନାଗରିକଙ୍କ ରକ୍ତରେ ମାତୃଭୂମିକୁ ସ୍ନାତ କରିଛି। ବାସ୍ତବରେ, ତୈଳ ବଜାରରେ ଏହି ତଥାକଥିତ ନୈତିକତା କେବଳ ଏକ ମୋହରା, ଯାହା ପଛରେ ଲୁଚି ରହିଛି ଆମେରିକାର ସାମ୍ରାଜ୍ୟବାଦୀ ଲୋଭ।

ଆମେରିକାର ଚରମ ସୁବିଧାବାଦୀ ମାନସିକତା ଏବେ ଜଳଜଳ ହୋଇ ଦିଶୁଛି। ଯେଉଁ ରୁଷୀୟ ତୈଳ ଦିନେ 'ଅସ୍ପୃଶ୍ୟ' ଥିଲା, ବିଶ୍ୱର ଚାହିଦା ପୂରଣ କରିବା ନାଁରେ ତାହା ଏବେ ମାସକ ପାଇଁ 'ସ୍ପୃଶ୍ୟ' ପାଲଟିଛି। ଆମେରିକା ପକ୍ଷରୁ ଦିଆଯାଇଥିବା ସନ୍ଦେଶରେ ଚାଲାକିର ସହ କୁହାଯାଇଛି ଯେ, ମାସକର କାରବାରରେ ରୁଷିଆ ବିଶେଷ କିଛି ଆର୍ଥିକ ଲାଭ ପାଇବ ନାହିଁ। କିନ୍ତୁ ଏହା ପଛରେ ଥିବା ପ୍ରକୃତ ଉଦ୍ଦେଶ୍ୟ ହେଉଛି, ଏହି ସୀମିତ ସମୟ ପରେ ଭାରତ ପୁଣିଥରେ ଆମେରିକାରୁ ପ୍ରଚୁର ତୈଳ କ୍ରୟ କରୁ- ଯାହା ପ୍ରକୃତରେ ଭେନେଜୁଏଲାରୁ ଉତ୍ତୋଳିତ ତୈଳ।

ଏଠାରେ ଟ୍ରମ୍ପଙ୍କ ନୈତିକତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ଯଦି ରୁଷୀୟ ତୈଳରୁ ମିଳୁଥିବା ଅର୍ଥ ୟୁକ୍ରେନ ଯୁଦ୍ଧରେ ବ୍ୟୟ ହେଉଛି ବୋଲି ଆମେରିକା ଯୁକ୍ତି କରେ, ତେବେ ଭେନେଜୁଏଲାର ତୈଳ ବିକ୍ରିରୁ ଆମେରିକା ପାଉଥିବା ମୁନାଫା ଯଦି ମଧ୍ୟ-ପ୍ରାଚ୍ୟରେ ରକ୍ତପାତ ପାଇଁ ବିନିଯୋଗ ହୁଏ, ତେବେ ସେଥିପାଇଁ କିଏ ଦାୟୀ? କିନ୍ତୁ ଏଭଳି ପ୍ରଶ୍ନ କରିବାର ଦମ୍ଭ କାହା ପାଖରେ ଅଛି? ବୋଧହୁଏ କେବଳ ଚୀନ ପାଖରେ, ଯିଏ ଶୁଳ୍କ ଯୁଦ୍ଧରେ ଆମେରିକାର ମୁକାବିଲା କରିବାକୁ ସକ୍ଷମ। ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଥିଲେ ହେଁ, ଆମେରିକା ସହ ଶୁଳ୍କ ଯୁଦ୍ଧରେ ଭାରତ ଏବେ ବି କିଛିଟା ଦୁର୍ବଳ ଦିଶୁଛି। ବୋଧହୁଏ ସେଇଥିପାଇଁ ଆମେରିକାର ଏହି ଖାଉନ୍ଦପଣ ବା ମାଲିକାନା ମନୋଭାବ ବିରୋଧରେ ପ୍ରଶ୍ନ କରିବାର ସାହସ ଜୁଟାଇବା ଭାରତ ପାଇଁ କଷ୍ଟକର ହେଉଛି। ଏହି ନିରବତା ହିଁ ବର୍ତ୍ତମାନର ଭୂ-ରାଜନୈତିକ ବାସ୍ତବତା, ଯେଉଁଠି ନୈତିକତା ନୁହେଁ ବରଂ ଶକ୍ତିଶାଳୀର ସ୍ୱାର୍ଥ ହିଁ ଶେଷ ନିଷ୍ପତ୍ତି।

ବାସ୍ତବରେ, ବିଶ୍ୱ ରାଜନୀତିରେ ନୈତିକତାର ଦୁହାଇ ଦେଉଥିବା ରାଷ୍ଟ୍ରମାନେ ନିଜର ଆର୍ଥିକ ସ୍ୱାର୍ଥ ଆଗରେ ଅନ୍ୟ ସାର୍ବଭୌମ ରାଷ୍ଟ୍ରର ଅଧିକାରକୁ ସବୁବେଳେ ଗୌଣ ମନେ କରିଛନ୍ତି। ରୁଷୀୟ ତୈଳକୁ 'ଅସ୍ପୃଶ୍ୟ' କହିବା ପଛରେ ଆମେରିକାର ଉଦ୍ଦେଶ୍ୟ ଯୁଦ୍ଧ ରୋକିବା ନୁହେଁ, ବରଂ ବୈଶ୍ୱିକ ବଜାରରେ ନିଜର ଏକଛତ୍ରବାଦୀ କର୍ତ୍ତୃତ୍ୱ ଜାହିର କରିବା। ଭାରତର ପାରାଦୀପ ବା ବାଡ଼ିନାର ବନ୍ଦରରେ ଲାଗୁଥିବା ତୈଳ ଜାହାଜ କେବଳ ଇନ୍ଧନ ବହନ କରୁନାହିଁ, ବରଂ ଏହା ଭାରତର କୂଟନୈତିକ ସ୍ୱାଧୀନତାର ଏକ ବଡ଼ ପରୀକ୍ଷା। ଯଦି ରୁଷରୁ ତୈଳ କିଣିବା ୟୁକ୍ରେନ ପାଇଁ କ୍ଷତିକାରକ, ତେବେ ଆମେରିକା ନିଜେ ଭେନେଜୁଏଲାରୁ ତୈଳ ଉତ୍ତୋଳନ କରି ଯୁଦ୍ଧଖୋର ନୀତିକୁ ପ୍ରୋତ୍ସାହନ ଦେବା କେଉଁ ପ୍ରକାରର ନ୍ୟାୟ? ଚୀନ ଭଳି ଟାରିଫ ଯୁଦ୍ଧରେ ମୁହାଁମୁହିଁ ହେବାର ଦମ୍ଭ ନଥିଲେ ହେଁ, ଭାରତକୁ ନିଜର ଶକ୍ତିଶାଳୀ ଅର୍ଥନୀତି ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଶକ୍ତ ଭାବେ ଉପସ୍ଥାପନ କରିବାକୁ ହେବ। ଏହି ତୈଳ ରାଜନୀତିର ଭୂଚଳନ ମଧ୍ୟରେ ଭାରତୀୟ ସ୍ୱାଭିମାନର ସ୍ୱର ଯେମିତି କୌଣସି ବୈଦେଶିକ ଶକ୍ତିର ଚାପରେ ନିରବି ନଯାଏ।

ଜାତୀୟ ଚେତନା
JATIYA CHETANA



# ଏପ୍ରିଲ ୧ରୁ ଏସ୍ଆଇଆର୍, ଓଡ଼ିଶାରେ ସରିଲାଣି ୯୦% ମ୍ୟାପିଂ: ସିଇଓ

ଭୁବନେଶ୍ୱର,(ଜା.ପ୍ର): ଏପ୍ରିଲ ୧ରୁ ଆରମ୍ଭ ହେବ ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ ବା ଏସ୍ଆଇଆର୍ ପ୍ରକ୍ରିୟା। ଏହା ପୂର୍ବରୁ ଜୋର୍‌ଦାର୍ ହୋଇଛି ମ୍ୟାପିଂ ପ୍ରକ୍ରିୟା। ୨୦୨୫ ମସିହାର ଭୋଟର ତାଲିକାକୁ ୨୦୦୨ ମସିହାର ଭୋଟର ରୋଲ ସହିତ ମ୍ୟାପିଂ କରି ଭୋଟରଙ୍କ ପରିଚୟ, ନିରନ୍ତରତା ଓ ସତ୍ୟତା ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୦ ପ୍ରତିଶତ ମ୍ୟାପିଂ ଶେଷ ହୋଇଛି। ପ୍ରାୟ ୧୦ ପ୍ରତିଶତ ଭୋଟରଙ୍କ ମ୍ୟାପିଂ କରିବାରେ କିଛି ସମସ୍ୟା ହେଉଛି। ବିଶେଷ କରି ସହରାଞ୍ଚଳରେ ଏହି ସମସ୍ୟା ଦେଖା ଦେଉଛି। ସେହିପରି ୪ ଲକ୍ଷରୁ ଊର୍ଦ୍ଧ୍ୱଙ୍କର ଏକାଧିକ ସ୍ଥାନରେ ଭୋଟର ପରିଚୟ ପତ୍ର ଥିବା ଚିହ୍ନଟ ହୋଇଛି। ଏହି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ସନ୍ତୁଗୋପାଳନ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଣ୍ଟରରେ ଏସ୍ଆଇଆର ପାଇଁ ୨୦୦୨ର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଏକ ବିସ୍ତୃତ ଉପସ୍ଥାପନା ହୋଇଥିଲା। ଏଥି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅଧକ୍ଷତା କରି କହିଥିଲେ ଯେ, ଭୋଟର ତାଲିକାକୁ ଅଧିକ ସଠିକ ଓ ପାରଦର୍ଶୀ କରିବା ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ଏହି ବିଶେଷ ପୁନରୀକ୍ଷଣ କାର୍ଯ୍ୟକ୍ରମ କରାଯାଉଛି । ଏଥିରେ ୨୦୨୫ ମସିହାର ଭୋଟର ତାଲିକାକୁ ୨୦୦୨ ମସିହାର ଭୋଟର ରୋଲ ସହିତ ମ୍ୟାପିଂ କରି ଭୋଟରଙ୍କ ପରିଚୟ, ନିରନ୍ତରତା ଓ ସତ୍ୟତା ଯାଞ୍ଚ କରାଯିବ। ଏହା ସହିତ ଦୋହରା ନାମ କିମ୍ବା ଯାଞ୍ଚ ହୋଇପାରୁନଥିବା ନାମଗୁଡ଼ିକୁ ତାଲିକାରୁ ବାଦ୍ ଦିଆଯିବ। ମ୍ୟାପିଂ ସମୟରେ ଭୋଟର୍‌ଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ, ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଇପିଆଇସି ବିବରଣୀ ସହ ମିଳାଯିବ। ଏହି ପ୍ରକ୍ରିୟାରେ ବୁଥ୍‌ସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ୍ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ସିଇଓ ଓଡ଼ିଶା ୱେବସାଇଟ୍ ଓ ଇସିଆଇ ନେଟ୍ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୯୦ ପ୍ରତିଶତ ଭୋଟରଙ୍କ ତଥ୍ୟ ଯାଞ୍ଚ ହୋଇସାରିଛି । ସେମାନଙ୍କ ନାଁ ସହ ପିତାଙ୍କ ନାମ ୨୦୦୨ ଭୋଟର ରୋଲ ସହିତ ମ୍ୟାପିଂ କରାଯାଇଛି ।'ଗ୍ରାମାଞ୍ଚଳର ଅଧିକାଂଶ ସ୍ଥାନରେ ୧୦୦ ପ୍ରତିଶତ ମ୍ୟାପିଂ ହୋଇଗଲାଣି। ଏପ୍ରିଲ ୧ ତାରିଖ ମଧ୍ୟରେ ଆଉ ୮ ପ୍ରତିଶତ ଭୋଟରଙ୍କ ମ୍ୟାପିଂ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୨ ପ୍ରତିଶତ ଭୋଟରଙ୍କ ତଥ୍ୟ ମିଳିନପାରିବା ସମ୍ଭାବନା ରହିଛି। ବିଶେଷ କରି ସହରାଞ୍ଚଳରେ ଏହି ମ୍ୟାପିଂ କାମ କଷ୍ଟସାଧ୍ୟ ହେଉଛି। ତେବେ ୯୫ ପ୍ରତିଶତ ଭୋଟରଙ୍କ ମ୍ୟାପିଂ ସରିଗଲେ ଏସ୍ଆଇଆର୍ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ସହଜ ହେବ। ନିର୍ବାଚନ ଆୟୋଗ ଓ ଜନସାଧାରଣଙ୍କ ଲାଗି ସହଜ ହେବ। ଯେଉଁମାନେ ୨୦୦୨ ଭୋଟର ତାଲିକାରେ ପିତା ମାତାଙ୍କ ନାମ ପାଉନାହାନ୍ତି ସେମାନେ ମ୍ୟାପିଂ ପାଇଁ ବିଏଲଓଙ୍କୁ ନିଜର ସମ୍ପୂର୍ଣ୍ଣ ବିବରଣୀ ଦିଅନ୍ତୁ ବୋଲି ସେ କହିଛନ୍ତି। ପରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବ୍ୟତୀତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର,ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଜ ଅଗ୍ନିହୋତ୍ରୀ ୟୁପିଏସ୍‌ସି ଟପ୍ପର୍

ଭୁବନେଶ୍ୱର,(ଜା.ପ୍ର): ଜାତୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ସିଭିଲ୍ ସର୍ଭିସେସ୍ ପରୀକ୍ଷା-୨୦୨୫ର ଚୂଡାନ୍ତ ଫଳାଫଳ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏଥିରେ ରାଜସ୍ଥାନ ଚିତ୍ତୋରଗଡ଼ ରାୱତଭାଟାର ଅନୁଜ ଅଗ୍ନିହୋତ୍ରୀ ସର୍ବଭାରତୀୟସ୍ତରରେ ପ୍ରଥମ ର୍‍ୟାଙ୍କ୍ ହାସଲ କରିଛନ୍ତି। ୟୁପିଏସ୍‌ସି ପକ୍ଷରୁ ବିଭିନ୍ନ ସେବା ପାଇଁ ମୋଟ୍ ୯୫୮ ପ୍ରାର୍ଥୀଙ୍କୁ ମନୋନୀତ କରାଯାଇଛି। ସେହିପରି ଶ୍ରେଷ୍ଠ ୧୦ ର୍‍ୟାଙ୍କ୍ ହୋଲ୍ଡରଙ୍କ ମଧ୍ୟରେ ୩ ଝିଅ ସାମିଲ ଅଛନ୍ତି। ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣ ରେଜଲ୍ଟ ଫଳାଫଳ ସରକାରୀ ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି। ତେବେ ଆୟୋଗ ମୋଟ୍ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ କେବଳ ଆଇଏଏସ୍ ସେବା ପାଇଁ ୧୮୦ ପ୍ରାର୍ଥୀଙ୍କୁ ଏବଂ ଆଇପିଏସ୍ ସେବା ପାଇଁ ୧୫୦ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା ବେଳେ ୫୫ ପ୍ରାର୍ଥୀଙ୍କୁ ଆଇଏଫ୍‌ଏସ୍ ପାଇଁ ଚୟନ କରାଯାଇଛି।

ଅନ୍ୟପକ୍ଷରେ ଓଡ଼ିଶାରୁ ୬ ପ୍ରାର୍ଥୀ କୃତୀତ୍ୱ ହାସଲ କରିଛନ୍ତି। ୧୦୦ତମ ସ୍ଥାନରେ ସାତ୍ତ୍ୱିକ୍ ସତ୍ୟକାମ୍ ଦେବତା ରହିଥିବା ବେଳେ ୧୨୧ ତମ ସ୍ଥାନରେ ଅମ୍ରିତ୍ ମହାପାତ୍ର ସ୍ଥାନିତ ହୋଇଛନ୍ତି। ସେହିପରି ୨୧୧ ତମ ସ୍ଥାନରେ ତନିଶା ମିଶ୍ର ରହିଥିବା ବେଳେ ୪୨୩ତମ ସ୍ଥାନରେ ଶୁଭମ୍ ମିଶ୍ର, ୪୨୮ତମ ସ୍ଥାନରେ ଅନିମେଶ ମିଶ୍ର ଏବଂ ୪୪୫ ତମ ସ୍ଥାନରେ ଅନୀଲ ମିଶ୍ର ସ୍ଥାନିତ ହୋଇଛନ୍ତି। ଓଡିଆ ପ୍ରାର୍ଥୀଙ୍କ ଏହି କୃତୀତ୍ୱ ଓଡ଼ିଶା ପାଇଁ ଏକ ବଡ଼ ସଫଳତା ଭାବେ ବିବେଚନା କରାଯାଉଛି।

ଆୟୋଗ ଦ୍ୱାରା ପ୍ରକାଶିତ ମେଧା ତାଲିକା ଅନୁସାରେ, ଅନୁଜ ଅଗ୍ନିହୋତ୍ରୀ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପୂର୍ବରୁ ସେ ସେହିପରି ଦ୍ୱିତୀୟ ସ୍ଥାନରେ ତାମିଲନାଡୁ ମଦୁରାଇର ସ୍ଥାୟୀ ନିବାସୀ ରାଜେଶ୍ୱରୀ ସୁଭେ ଏମ୍, ୩ୟ ସ୍ଥାନରେ ଚଣ୍ଡିଗଡ଼ର ଏକାଂଶ ଧୂଲ୍, ୪ର୍ଥ ସ୍ଥାନରେ ବିହାରର ମୁଜାଫରପୁରର ରାଘବ ଝୁନ୍‌ଝୁନ୍‌ୱାଲା, ୫ମ ସ୍ଥାନରେ ମଧ୍ୟପ୍ରଦେଶର ଈଶାନ୍ ଭଟ୍ଟନାଗର, ୬ଷ୍ଠ ସ୍ଥାନରେ ଦିଲ୍ଲୀର ଜିନିଆ ଅରୋରା, ୭ମ ସ୍ଥାନରେ ତାମିଲନାଡୁ ଚେନ୍ନାଇର ଏଆର ରାଜା ମୋହିଦ୍ଦିନ୍, ୮ମ ସ୍ଥାନରେ ମଧ୍ୟପ୍ରଦେଶର ଧାର ଅଞ୍ଚଳର ପକ୍ଷଲ ସେକ୍ରେଟାରୀ, ୯ମ ସ୍ଥାନରେ ଉତ୍ତରପ୍ରଦେଶର ଆସ୍ଥା ଜୈନ୍ ଏବଂ ୧୦ମ ସ୍ଥାନରେ ବିହାର ପାଟନା ଅଞ୍ଚଳର ଉଜ୍ଜ୍ୱଳ ପ୍ରିୟାଙ୍କ ରହିଛନ୍ତି। ଏହି ଘୋଷଣା ୯ ମାସ ପୂର୍ବରୁ ଆରମ୍ଭ ହୋଇଥିବା ଏକ ଲମ୍ବା ଏବଂ କଠୋର ଚୟନ ପ୍ରକ୍ରିୟାର ଅନ୍ତ ଘଟାଇଛି। ୨୦୨୫ ମେ ୨୫ରେ ସିଭିଲ୍ ସର୍ଭିସେସ୍ ପ୍ରାଥମିକ ପରୀକ୍ଷା (ପ୍ରିଲିମିନାରୀ) ଅନୁଷ୍ଠିତ ହୋଇଥିଲା। ଯାହା ପ୍ରାର୍ଥୀଙ୍କ ପାଇଁ ପ୍ରଥମ ସୋପାନ ଥିଲା। ଯେଉଁମାନେ ଯୋଗ୍ୟତା ହାସଲ କରିଥିଲେ ସେମାନେ ୨୨ ଅଗଷ୍ଟରୁ ୩୧ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯୋଗ ଦେଇଥିଲେ। ଶେଷ ପ୍ରତିବନ୍ଧକ ଥିଲା ବ୍ୟକ୍ତିତ୍ୱ ପରୀକ୍ଷା ବା ସାକ୍ଷାତକାର ଯାହା ଗତ ଫେବୃଆରୀ ୨୭ରେ ସମାପ୍ତ ହୋଇଥିଲା। ଏହି ବର୍ଷ, ସାକ୍ଷାତକାର ସମାପ୍ତି ପରେ ୟୁପିଏସ୍‌ସି ଦ୍ୱାରା ଏକ ସପ୍ତାହ ବିଳମ୍ବରେ ଫଳାଫଳ ଘୋଷଣା କରାଯାଇଛି। ଫଳାଫଳ ଅନୁସାରେ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଆଇଆର୍‌ଏସ୍, ଭାରତୀୟ ବାଣିଜ୍ୟ ସେବା ଏବଂ ଅନ୍ୟ ଗ୍ରୁପ୍ ଏ ଓ ଗ୍ରୁପ୍ ବି ଭଳି କେନ୍ଦ୍ରୀୟ ସେବା ସମେତ ବିଭିନ୍ନ ପ୍ରତିଷ୍ଠିତ ସେବାରେ ନିଯୁକ୍ତି ପାଇଁ କମିଶନ ଦ୍ୱାରା ମୋଟ ୯୫୮ ପ୍ରାର୍ଥୀଙ୍କୁ ସୁପାରିଶ କରାଯାଇଛି। ଚୂଡ଼ାନ୍ତ ମେରିଟ୍ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ବର୍ତ୍ତମାନ ସେମାନଙ୍କର ର୍‍ୟାଙ୍କ ଓ ସେବା ପସନ୍ଦ ଆଧାରରେ ବିଭିନ୍ନ କେନ୍ଦ୍ରୀୟ ସେବାରେ ନିଯୁକ୍ତ ହେବେ।

# ଓଡ଼ିଶା ଗସ୍ତରେ ଶାହ: ୩୨୭୫ କୋଟିର ପ୍ରକଳ୍ପ ଭେଟି

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ। କାରଣ ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୧୫୯.୦୩ କୋଟି ଟଙ୍କାର ମୋଟ ୬୯ଟି ପ୍ରକଳ୍ପର ଉଦଘାଟନ କରାଯାଇଛି। ସେହିପରି ୨୧୧୬.୦୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଛି। ଏହାସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି।




ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଶ୍ରୀ ଶାହ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି। ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି। ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି। ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍‌ଏସ୍‌ପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ଶ୍ରୀ ସାହ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ସ୍ୱାକ୍ଷରିତ ହୋଇଥିବା ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡ଼ିଶା ସମୃଦ୍ଧ ହେବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୁଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତ୍ତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ। ଏହାଦ୍ୱାରା ୨୦୨୫ ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ ରେ ମାତ୍ର ୬.୭ ପ୍ରତିଶତ ଥିଲା। ପୁଲିସ ସଂସ୍କାର ସହିତ, 'ସହକାରୀତା ସେ ସମୃଦ୍ଧି' ଆମ ସମୃଦ୍ଧ ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଉଛି। କାରଣ, ସମବାୟ ମାଧ୍ୟମରେ, ସମାଜର ପଛୁଆ ବର୍ଗର ଲୋକମାନେ ଆର୍ଥିକ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି। ଯେତେବେଳେ ରାଜ୍ୟର କୋଟି କୋଟି ଲୋକ ଆର୍ଥିକ ଭାବରେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଏବଂ ଭାରତ ବିକଶିତ ହେବ। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କ ଦିଗ୍‌ଦର୍ଶନ ସହିତ, ଓଡ଼ିଶାରେ ପରିବର୍ତ୍ତନର ସ୍ୱପ୍ନ ଦେଖି ଆପଣମାନେ ଯେଉଁ ସରକାର ଗଠନ କରିଛନ୍ତି, ସେ ସ୍ୱପ୍ନ ନିଶ୍ଚୟ ସାର୍ଥକ ହେବ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ କଟକ ଜିଲ୍ଲା ମୁଣ୍ଡଳୀ ଠାରେ ଥିବା ସିଆଇଏସଏଫ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ ଏବଂ ପରେ ପରେ ପାରାଦ୍ୱୀପଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇଫକୋର ପାରାଦୀପ ପ୍ଲାଣ୍ଟରେ ସ୍ଥାପିତ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ (ଏସଏପି-ଥ୍ରୀ)କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏହା ସହିତ, କାର୍ଯ୍ୟକ୍ରମରେ ୧୪୧ଟି ପ୍ୟାକ୍ସ ପାଇଁ ଆବଶ୍ୟକତା-ଭିତ୍ତିକ ଭିତ୍ତିଭୂମିର ଆଭାସୀ ଉଦଘାଟନ, ସମବାୟ ନିବନ୍ଧକ (ଆରସିଏସ) ଅଫିସ୍ ପୋର୍ଟାଲ୍ ଆରମ୍ଭ, ନ୍ୟାସନାଲ୍ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍ ର ଡାଇରେକ୍ଟ-ଟୁ-କଞ୍ଜ୍ୟୁମର୍ (ଡିଟୁସି) ପୋର୍ଟାଲ୍ ଆରମ୍ଭ, ଏବଂ ନେସନାଲ୍ କୋଅପରେଟିଭ୍ ଏକ୍ସପୋର୍ଟ୍ସ ଲିମିଟେଡ୍ ଦ୍ୱାରା ବିକଶିତ 'କୁପ୍ ମାର୍କ' ଏବଂ ଏକ ଏଆଇ ଆଧାରିତ ବହୁଭାଷୀ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ 'ସାବିଦ୍ୟା'ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଓମଫେଡ୍ ସହ ଜଡିତ ପଦକ୍ଷେପଗୁଡ଼ିକ ମଧ୍ୟ ଶୁଭାରମ୍ଭ କରାଯାଇଛି। ଦୁଇଟି ଦୁଗ୍ଧ ଉତ୍ପାଦକ ସମବାୟ ସମିତିକୁ ପଞ୍ଜିକରଣ ପ୍ରମାଣପତ୍ର ବଣ୍ଟନ କରାଯାଇଛି ।

# ପାରାଦୀପ ଇଫ୍‌କୋରେ ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ପାରାଦୀପ ଇଫକୋ ପରିସରରେ ପ୍ରାୟ ୭୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ତୃତୀୟ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉଦଘାଟନ କରିଛନ୍ତି। ଏହି ଅବସରରେ ଶାହ କହିଛନ୍ତି ଯେ, ଓଡ଼ିଶା ଆଗାମୀ ଦିନରେ ବିକଶିତ ଭାରତର ଏକ ପ୍ରମୁଖ ରାଜ୍ୟ ପାଲଟିବ। ପ୍ରଚୁର ଖଣିଜ ସମ୍ପଦ ଥାଇ ମଧ୍ୟ ଓଡ଼ିଶାବାସୀ ଦୁର୍ଦ୍ଦଶାରେ ଥିଲେ, କିନ୍ତୁ ଏବେ ବିଜେପି ସରକାର ରାଜ୍ୟକୁ ବିକାଶର ସଠିକ୍ ଦିଗକୁ ନେଉଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, ଏହି ପ୍ଲାଣ୍ଟ ଦ୍ୱାରା ଦୈନିକ ପ୍ରାୟ ୨ ହଜାର ଟନ୍ ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନ ହେବ। ଏହାଫଳରେ ଭାରତକୁ ଆଉ ବିଦେଶରୁ ଏହି ଏସିଡ୍ ଆମଦାନୀ କରିବାକୁ ପଡ଼ିବ ନାହିଁ ଏବଂ ଏହା 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଅଧିକ ସୁଦୃଢ଼ କରିବ। ପାରାଦୀପଠାରୁ ପୁରୀ ପର୍ଯ୍ୟନ୍ତ ଅଞ୍ଚଳକୁ ଏକ ଆର୍ଥିକ ହବ୍ ଭାବେ ଗଢ଼ିତୋଳିବା ସହ ପାରାଦୀପକୁ ପୂର୍ବ ଭାରତର 'ମୁମ୍ବାଇ' ଭଳି ସମୃଦ୍ଧ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପାରାଦୀପ ଏବେ ଦେଶର ଏକ ପ୍ରମୁଖ 'ଆର୍ଥିକ ପ୍ରୟୋଗଶାଳା'ରେ ପରିଣତ ହୋଇଛି। ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବା ଫଳରେ ଚାଷୀମାନେ ସ୍ୱଳ୍ପ ମୂଲ୍ୟରେ ସାର ପାଇପାରିବେ। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଖିଥିବା 'ପୂର୍ବୋଦୟ'ର ସ୍ୱପ୍ନ ଆଜି ବାସ୍ତବ ରୂପ ନେଉଛି। ଇଣ୍ଡିଆନ୍ ଅଏଲ୍ ଏବଂ ଇଫକୋ ଭଳି ସଂସ୍ଥା ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ ସାଜିଛନ୍ତି। ଏହି ଉତ୍ସବରେ ଶିଳ୍ପ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଏବଂ ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଇଫକୋର ଏହି ନୂତନ ପ୍ରକଳ୍ପ ଦ୍ୱାରା ଦେଶର କୃଷି ଓ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହ ପାରାଦୀପ ଏକ ବିଶ୍ୱସ୍ତରୀୟ ଶିଳ୍ପ କେନ୍ଦ୍ର ଭାବେ ଉଭା ହେବ। କୃଷି କ୍ଷେତ୍ରରେ ଉନ୍ନତ ସାରର ଉପଲବ୍ଧତା ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମବାୟ କ୍ଷେତ୍ରରେ ଓଡ଼ିଶାର କୃଷକ ଓ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଏକ ବୃହତ ଯୋଜନା ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଅଭିନବ ପ୍ରୟାସ ପୂର୍ବ ଭାରତର ବିକାଶ ଧାରାକୁ ଏକ ନୂଆ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ତପ୍ତ ବୈଶାଖର ଅକୁହା ଶୁଷ୍କତା



ଆକାଶରୁ ଯେମିତି ନିଆଁ ବର୍ଷୁଥିଲା। ବୈଶାଖର ସେହି ଦ୍ୱିପ୍ରହରରେ ରାସ୍ତାଘାଟ ସବୁ ଶୂନଶାନ। ପଶ୍ଚିମ ଓଡ଼ିଶାର ସେହି ଛୋଟ ସହରଟି ଲୁ'ର ପ୍ରକୋପରେ ଯେମିତି ସ୍ଥାଣୁ ପାଲଟି ଯାଇଥିଲା। ଅଭିଷେକ ନିଜ ପୁରୁଣା ଘରର ବାରଣ୍ଡାରେ ବସି ସାମ୍ନା ପଟେ ଥିବା ଶୁଖିଲା କୃଷ୍ଣଚୂଡ଼ା ଗଛକୁ ଚାହିଁ ରହିଥିଲେ। ଗଛର ପତ୍ର ସବୁ ଝଡ଼ି ଯାଇଥିଲା, କିନ୍ତୁ କାହିଁ କେଉଁଠି ଲାଲ୍ ଟକ୍ ଟକ୍ ଫୁଲ କେଇଟା ଗ୍ରୀଷ୍ମର ଅହଙ୍କାରକୁ ଦେଖାଇ ହେଲା ପରି ହସୁଥିଲେ। ଠିକ୍ ତାଙ୍କ ହୃଦୟ ପରି-ଯିଏ ଭିତରୁ ସମ୍ପୂର୍ଣ୍ଣ ଶୁଷ୍କ ହୋଇଯାଇଥିଲେ ମଧ୍ୟ ସେଥିରେ ପ୍ରେମର କିଛି ସ୍ମୃତି ଏବେ ବି ସତେଜ ଥିଲା।

ବର୍ଷ ବର୍ଷ ତଳର କଥା। ସେତେବେଳେ ବି ଏମିତି ଏକ ଗ୍ରୀଷ୍ମ ଋତୁ ଥିଲା। ସେଦିନ ପ୍ରଥମ କରି ଅଭିଷେକ 'ଶ୍ରେୟା'କୁ ଭେଟିଥିଲେ। ଶ୍ରେୟା—ଯିଏ ଖରାଦିନର ସେହି କାଳବୈଶାଖୀ ପରି ଆସିଥିଲା, ଯାହା କିଛି ସମୟ ପାଇଁ ତାତିରୁ ମୁକ୍ତି ତ ଦେଇଥିଲା କିନ୍ତୁ ସବୁକିଛି ଓଲଟପାଲଟ କରି ଚାଲିଯାଇଥିଲା। ଶ୍ରେୟାର ସେହି ହସ, ଯାହା ମରୁଭୂମିରେ ମୃଗତୃଷ୍ଣା ପରି ପ୍ରଲୋଭିତ କରୁଥିଲା। ସେମାନେ ଘଣ୍ଟା ଘଣ୍ଟା ଧରି ସେହି କୃଷ୍ଣଚୂଡ଼ା ଗଛ ମୂଳେ ବସି ଭବିଷ୍ୟତର ସ୍ୱପ୍ନ ବୁଣୁଥିଲେ। ଖରା ଯେତେ ବଢୁଥିଲା, ସେମାନଙ୍କ ପ୍ରେମର ଗଭୀରତା ମଧ୍ୟ ସେତେ ବଢୁଥିଲା। କିନ୍ତୁ ସମୟ ସବୁବେଳେ ଏକା ପରି ରହେନାହିଁ। ଶ୍ରେୟା ଥିଲା ଜଣେ ବଡ଼ ଘରର ଝିଅ, ଆଉ ଅଭିଷେକ ଜଣେ ସାଧାରଣ ସଂଘର୍ଷଶୀଳ ଯୁବକ। ସେଦିନ ବୈଶାଖର ଶେଷ ସନ୍ଧ୍ୟାରେ ଯେତେବେଳେ ପବନ ପ୍ରବଳ ବେଗରେ ବହୁଥିଲା, ଶ୍ରେୟା ଆସି କହିଥିଲା- 'ଅଭିଷେକ, ମୋ ବାପା ବାଧ୍ୟ କରୁଛନ୍ତି, ଆସନ୍ତା ମାସରେ ମୋର ବିବାହ।' ସେହି ଶବ୍ଦ କେଇଟା ଅଭିଷେକଙ୍କ ପାଇଁ ଗ୍ରୀଷ୍ମର ସବୁଠାରୁ ଭୟଙ୍କର ତାତିଠାରୁ ବି ଅଧିକ କଷ୍ଟଦାୟକ ଥିଲା। କୌଣସି ଯୁକ୍ତି ନଥିଲା, କୌଣସି ପ୍ରତିବାଦ ନଥିଲା। ପ୍ରେମ ଯେତେବେଳେ ପାରିବାରିକ ସମ୍ମାନ ପାଖରେ ହାରିଯାଏ, ସେତେବେଳେ ଯନ୍ତ୍ରଣା ଶବ୍ଦହୀନ ହୋଇଯାଏ।

ବିରହର ବର୍ଷ ଗୁଡ଼ିକ ଖରାଦିନର ସେହି ଶୁଖିଲା ପୋଖରୀ ପରି ଥିଲା, ଯେଉଁଠି ପାଣି ତ ନଥାଏ କିନ୍ତୁ କାଦୁଅର କ୍ଷତ ସବୁ ସଫା ଦେଖାଯାଏ। ଅଭିଷେକ ସହର ଛାଡ଼ିଲେ, ସାମ୍ବାଦିକତା କଲେ, ନିଜକୁ କାମ ଭିତରେ ବୁଡ଼ାଇ ରଖିଲେ। କିନ୍ତୁ ପ୍ରତିବର୍ଷ ଯେତେବେଳେ ଗ୍ରୀଷ୍ମ ଆସେ, ସେତେବେଳେ ତାଙ୍କ ମନର କ୍ଷତ ପୁଣି ଥରେ କଷ୍ଟ ଦିଏ। ବିରହର ଯନ୍ତ୍ରଣା ହେଉଛି ସେହି ଶୋଷ ପରି, ଯାହାକୁ ଯେତେ ପାଣି ପିଇଲେ ବି ମେଣ୍ଟେ ନାହିଁ।

ଆଜି ପୁଣି ଦଶ ବର୍ଷ ପରେ ସେ ସେହି ଗଛ ମୂଳେ ଠିଆ ହୋଇଛନ୍ତି। ଶ୍ରେୟା ଏବେ ଅନ୍ୟ କାହାର ସଂସାରରେ ବ୍ୟସ୍ତ। ସେ ହୁଏତ ଅଭିଷେକଙ୍କୁ ଭୁଲି ଯାଇଥାଇପାରେ, କିନ୍ତୁ ଅଭିଷେକଙ୍କ ପାଇଁ ଶ୍ରେୟା ହେଉଛି ସେହି ଅସରା ବର୍ଷା, ଯାହା ଆଶାରେ ସେ ଆଜି ବି ଏହି ତାତିକୁ ସହୁଛନ୍ତି। ଯନ୍ତ୍ରଣା ତାଙ୍କୁ ଲେଖକ କରିଦେଲା, ଶବ୍ଦ ସହିତ ଖେଳିବା ଶିଖାଇଦେଲା। କିନ୍ତୁ ହୃଦୟର ସେହି ଶୂନ୍ୟତାକୁ କୌଣସି ଶବ୍ଦ ଭରିପାରିଲା ନାହିଁ।

ସେ ନିଜ ଡାଏରୀ ବାହାର କଲେ ଏବଂ ଥରଥର ହାତରେ ଲେଖିଲେ- 'ପ୍ରେମ ଯଦି ବୈଶାଖର ଖରା ହୁଏ, ତେବେ ବିରହ ହେଉଛି ସେହି ଖରାରେ ପୋଡ଼ି ହେଉଥିବା ଜଣେ ପଥିକର ଯନ୍ତ୍ରଣା। ଏହି ଯନ୍ତ୍ରଣାର ଶେଷ ନାହିଁ, କେବଳ ଅପେକ୍ଷା ଅଛି-ଏକ କାଳ୍ପନିକ ବର୍ଷାର, ଯିଏ ଆସିବନି ଜାଣି ମଧ୍ୟ ଆଖି ସେହି ଆକାଶକୁ ଚାହିଁ ରହିଛି।'

ଦୂରରେ କେଉଁଠି କୋଇଲିଟିଏ କାନ୍ଦୁଥିଲା। ଖରାଦିନର ସେହି ଗୀତରେ ସୁର ନଥିଲା, ଥିଲା କେବଳ ଏକ ନିଃସଙ୍ଗତାର ସ୍ୱର। ଅଭିଷେକ ଉଠିଲେ, ନିଜ ଆଖିରୁ ବାହାରୁଥିବା ଗରମ ଲୁହକୁ ପୋଛିଲେ ଏବଂ ପୁଣି ସେହି ତାତି ଭିତରେ ନିଜକୁ ହଜାଇ ଦେଲେ। କାରଣ ସେ ଜାଣିଥିଲେ, କିଛି ପ୍ରେମ କାହାଣୀ ପୂର୍ଣ୍ଣ ହେବା ପାଇଁ ନୁହେଁ, କେବଳ ଯନ୍ତ୍ରଣା ହୋଇ ରହିବା ପାଇଁ ଜନ୍ମ ନେଇଥାଏ।

***ମୋନାଲିସା ମାନସିଂହ***
*ଆଇଏନ୍ଏସ୍ ଚିଲିକା, ଖୋର୍ଦ୍ଧା*

# ମାଆର ହାତ



ମୀରାକୁ ଦଶ ବର୍ଷ ହୋଇଥିଲା। ସେ ଦିନେ ତାର ମାଆ ସୀତାଙ୍କୁ କିଚେନ୍ ରେ ରନ୍ଧାବଢା କରୁଥିବାର ଦେଖିଲା। ସୀତା ମୀରାର ପ୍ରିୟ ଖିରି ତିଆରି କରୁଥିଲେ। ମୀରା ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା ଯେ ମାଆ କେତେ ସହଜରେ ଏବଂ ସୁନ୍ଦର ଭାବରେ ସବୁକିଛି କରୁଛନ୍ତି। ସେ ନିଜ ମାଆକୁ ପଚାରିଲା, "ମାଆ, ତୁମେ ଏତେ ଭଲ ରାନ୍ଧିବା କେଉଁଠୁ ଶିଖିଲ ?"

ସୀତା ହସିଲେ ଏବଂ କହିଲେ, "ମୋ ମାଆ ମୋତେ ଶିଖାଇଥିଲେ। ମୁଁ ଯେତେବେଳେ ତୁମ ବୟସର ଥିଲି, ସେତେବେଳେ ମୁଁ ମୋ ମାଆଙ୍କ ସହିତ କିଚେନ୍ ରେ ରହୁଥିଲି। ମୋ ମାଆ ମୋତେ ରନ୍ଧାବଢା ଶିଖାଇଥିଲେ।"

ମୀରା ମନେ ମନେ ଚିନ୍ତା କଲା, "ଏହାର ଅର୍ଥ ହେଉଛି ମୋର ଆଈ ମୋ ମାଆକୁ ଶିଖାଇଥିଲେ, ଏବଂ ମୋ ମାଆ ମୋତେ ଶିଖାଉଛନ୍ତି।"

ସେହି ଦିନଠାରୁ, ମୀରା ନିଜ ମାଆଙ୍କ ସହିତ କିଚେନ୍‌ରେ ରହି ରନ୍ଧାବଢା ଶିଖିଲା। ସୀତା ତାଙ୍କୁ ସବୁକିଛି ଶିଖାଇଥିଲେ। କେଉଁଠାରେ ମସଲା ପକାଇବେ, କେତେବେଳେ ପନିପରିବା ପକାଇବେ, କିପରି ଖାଦ୍ୟର ସ୍ୱାଦ ବଢ଼ାଇବେ, ଏସବୁ କିଛି ମୀରା ଶିଖିଲା।

ବୟସ ବଢ଼ିବା ସହିତ, ମୀରା ଜଣେ ଭଲ ରୋଷେୟା ହୋଇଗଲା। ଦିନେ, ମୀରା ନିଜ ମାଆଙ୍କ ପାଇଁ ଖିରି ତିଆରି କଲା। ସୀତା ଖିରି ଖାଇବା ପରେ କହିଲେ, "ଏହା ବହୁତ ସ୍ୱାଦିଷ୍ଟ ହୋଇଛି !" ସୀତାଙ୍କ ଆଖିରେ ଲୁହ ଆସିଗଲା।

ମୀରା ନିଜ ମାଆଙ୍କୁ ଜାବୁଡି ଧରିଲା। ସେ ଜାଣିଥିଲା ଯେ, ଏହି ଖିରିର ସ୍ୱାଦ କେବଳ ଖିରିର ସ୍ୱାଦ ନୁହେଁ, ବରଂ ଏହା ତାଙ୍କ ମାଆଙ୍କ ପ୍ରେମର ସ୍ୱାଦ ଥିଲା।

ମୀରା ବିବାହ କରିବା ପରେ ନିଜ ଘରକୁ ଚାଲିଗଲା। ତାର ଏକ ଝିଅ ହେଲା, ଯାହାର ନାମ ସେ ରଖିଲା 'ସୀତା'। ମୀରା ନିଜ ଝିଅକୁ ନିଜ ମାଆଙ୍କ ନାମରେ ନାମିତ କରିଥିଲା ।

ମୀରା ନିଜ ଝିଅକୁ ମଧ୍ୟ ରନ୍ଧାବଢା ଶିଖାଇଲା। ସେ ଜାଣିଥିଲା ଯେ, ଏହି ରନ୍ଧାବଢା ଶିଖାଇବା କେବଳ ଏକ କୌଶଳ ନୁହେଁ, ବରଂ ଏହା ହେଉଛି ପ୍ରେମ ଏବଂ ସମ୍ପର୍କର ଏକ ବନ୍ଧନ, ଯାହା ପିଢ଼ି ପରେ ପିଢ଼ି ଚାଲିଆସିଛି।

ଦିନେ, ସୀତା (ମୀରାର ଝିଅ) ନିଜ ମାଆଙ୍କ ପାଇଁ ଖିରି ତିଆରି କଲା। ମୀରା ଖିରି ଖାଇବା ପରେ କହିଲେ, "ଏହା ବହୁତ ସ୍ୱାଦିଷ୍ଟ ହୋଇଛି !" ମୀରାର ଆଖିରେ ମଧ୍ୟ ଲୁହ ଆସିଗଲା।

ସୀତା ନିଜ ମାଆଙ୍କୁ ଜାବୁଡି ଧରିଲା। ସେ ଜାଣିଥିଲା ଯେ, ଏହି ଖିରିର ସ୍ୱାଦ କେବଳ ଖିରିର ସ୍ୱାଦ ନୁହେଁ, ବରଂ ଏହା ତାଙ୍କ ମାଆଙ୍କ ପ୍ରେମର ସ୍ୱାଦ ଥିଲା, ଯାହା ତାର ଆଈଠାରୁ ଆରମ୍ଭ ହୋଇ ତାର ମାଆ ପର୍ଯ୍ୟନ୍ତ ଏବଂ ବର୍ତ୍ତମାନ ତାର ପର୍ଯ୍ୟନ୍ତ ଚାଲିଆସିଛି।

***ସରିତା ମୁଦୁଲି***
*ଜଳେଶ୍ୱର, ବାଲେଶ୍ୱର*

# କହ୍ନେଇ ପ୍ରେମରେ ରାଧିକା ରାଣୀ

ରାସ କୁଞ୍ଜରେ ଷୋଳ ସହସ୍ର ନାରୀ ମଧ୍ୟେ କହ୍ନାଇ,
ରସେ ମଜେ ସିନା ମନ ଥାଏ ଜଣକ ପାଶେ।
ସେହି ଜଣକ ରାଧିକା ରାଣୀ ଗୋପର ମଣି,
ରାଧା ପ୍ରେମ ସଦା କାହ୍ନାକୁ ବହୁତ ବାସେ ॥
ଯମୁନା କୂଳ କଦମ୍ବ ମୂଳ ସବୁଠି କହ୍ନାଇ,
ଲୋକ ନିନ୍ଦା ସହି ରାଧା ଚିଡି ଗଲାଣି।
ଶାଶୂ ନଣନ୍ଦ ବାରଣ କରି ବାଛନ୍ଦ କଲେଣି,
ଶ୍ୟାମ ପ୍ରେମ ବିରହରେ ରାଧା ବିଚଳିତ ହେଲାଣି ॥
ନୀଳ ରଙ୍ଗ ଦେଖି ରାଧା ଜମା ସହି ପାରୁନି,
କାହ୍ନୁ କାହ୍ନୁ ବାଉଳି ହୋଇ ସବୁ ପାଶୋରି ଗଲାଣି।
ପାଣି ଦେଖିଲେ ଯମୁନା କଥା ମନେ ପକାଉଛି,
ଆଇନା ଦେଖି ଫୁଲରେ ସଜ କରେ ବେଣୀ ॥
ଉପରେ ଉପରେ ଥାଏ ଯେ ମିଛ ଅଭିମାନ,
ହୃଦୟେ ଥାଏ ଶ୍ୟାମ ପ୍ରେମର ଆବେଗ।
ରସିକ ନାଗର କଳା କାହ୍ନୁ ସାଜି ବଇଦ,
ପହଁଞ୍ଚେ ରାଧା ପାଶେ ଭଲ କରିବାକୁ ରୋଗ ॥
ରାଧାର ହୋଇଛି ଯେ ପ୍ରେମ ରୋଗ,
କହ୍ନେଇ ଦେବ ତାକୁ ପ୍ରୀତିର ଔଷଧ।
ଲଳିତା ବିଶାଖା ସେବିକା ଅଟନ୍ତି ତାର,
ଚତୁରୀ ରାଧା ଗୁପତେ ଭେଟେ ଗୋବିନ୍ଦ ॥

**ମନୋଜ କୁମାର ସ୍ୱାଇଁ**
ବଡ଼ସୁଆର, ଯାଜପୁର
ମୋ: ୭୮୪୭୯୩୬୭୪୯

# ଅସୁରକ୍ଷିତ ନାରୀ



ନାରୀ ଆଜି ବି ଅସୁରକ୍ଷିତ ଏଥିପାଇଁ
ଦାୟୀ କିଏ ? ତାର ସେଇ ଶରୀର !
କିନ୍ତୁ ନାରୀ ନୁହେଁ ନାରୀକୁ ଯିଏ ସୃଷ୍ଟି କରିଛି।
ଆଜି ବି ସମାଜର କୋଉ ସ୍ଥାନରେ
ନାରୀ ସୁରକ୍ଷିତ ନୁହେଁ
ତା'ହେଲେ ନାରୀର ନିରାପତ୍ତା ସ୍ଥାନ କୋଉଠି ?
ଆଜି ସେ ସବୁଠି ଅତ୍ୟାଚାରିତା ନିର୍ଯାତିତ
ସମାଜ ତାକୁ ଏମିତି ଢଙ୍ଗରେ ଦେଖୁଛି
ବାଧ୍ୟ ହୋଇ ସେ ନିଜ ହାତରେ ନିଜକୁ ମାରୁଛି
କ'ଣ ନାରୀ ହେବା ଭୁଲ ନା ଛାତିରେ
ଗୋଟେ ଓଢ଼ଣି ପକାଇ ମଥାପାତି ଚାଲିବା ଭୁଲ
ଆଜିବି ଏ ସମାଜର ଲୋକ ଖରାପ
ନଜରରେ ତାକୁ ଦେଖୁ ତା ଶରୀରକୁ
ଝୁଣି ଝୁଣି ସର୍ଦ୍ଦାର କରନ୍ତି
ବୋଧ ହୁଏ ନାରୀ ହେଇ ଜନ୍ମ ହେବା
ତାର ଥିଲା ଭୁଲ ସେଇ ନାରୀଠୁ ଜନ୍ମ
ହେଇ ନାରୀର ଇଜ୍ଜତ ନେବେ ପାଇଁ ପଛଘୁଞ୍ଚା ଦିଏନି
ତା' ଶରୀରର କିଛି ଅଂଶ ପାଇଁ ସେ ସବୁଠି
ଲଜ୍ଜିତ ଅପମାନିତ
ଲାଞ୍ଛିତ
ତା' ଶରୀର ପାଇଁ ସେ ଗୋଟେ ପୁରୁଷ ସମାଜରେ ଅସୁରକ୍ଷିତ।

**ପୂଜାରାଣୀ ଦାସ**
ବାଲିପାଟଣା, ଭୁବନେଶ୍ୱର
ମୋ: ୯୬୫୮୦୬୮୮୯୩

# ବୁଝିପାରିଲେ ହେଲା

ବର୍ଷା ଛାଡ଼ିଗଲେ,
ଛତା ବୋଝ ଭଳି ଲାଗେ
ଶୀତ ଛାଡ଼ିଗଲେ,
କମଳ ଅବାଗିଆ ଲାଗେ
ଶିକ୍ଷା ସରିଗଲେ,
ଶିକ୍ଷକ ଛୋଟ ଭଳି ଲାଗେ
ବଡ଼ ହୋଇଗଲେ,
ବାପାମାଆ ଟେନ୍‌ସନ୍ ଭଳି ଲାଗେ
ସ୍ୱାର୍ଥ ସରିଗଲେ,
ସମ୍ପର୍କ ଅଲଗା ଅଲଗା ଲାଗେ।
ବୋଧେ ଆଉ ବର୍ଷା ହେବନି
ବୋଧେ ଆଉ ଶୀତ ହେବନି
ବୋଧେ ଆଉ ଶିକ୍ଷକ
ଦରକାର ପଡ଼ିବନି
ବୋଧେ ଆଉ
ସମ୍ପର୍କ ଲୋଡା ହେବନାହିଁ
ଏବଂ
ବୋଧେ ନିଜର ପୁଅ ଝିଅ ହେବନି
ବୋଧେ ବୃଦ୍ଧବୃଦ୍ଧା ବୟସ ଆସିବନି
ସବୁ ତ ଦୂରେଇ ଯାଇଥିବେ
ହେଲେ ବଞ୍ଚିବ କେମିତି
ସବୁ ଜିନିଷକୁ
ସମ୍ମାନ ଦେଇଥିଲେ
ବଞ୍ଚିବା ସରଳ ହୋଇଯିବ
କାରଣ
କେତେବେଳେ କାହାର
ଆବଶ୍ୟକତା ପଡ଼ିବ
କିଏ କହିପାରିବ
ଏହା ହିଁ ଜୀବନର ଭିତ୍ତିଭୂମି
ବୁଝିପାରିଲେ ହେଲା।

**ସ୍ମୃତିରଞ୍ଜନ ସାମନ୍ତରାୟ**
ମହୁଲ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



# ୧୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ଅଭିଷେକ-ସଞ୍ଜୁ



ଅହମଦାବାଦ,(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ଟି-୨୦ ବିଶ୍ୱକପ୍ ଫାଇନାଲ୍ ଇତିହାସରେ ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ଓ ସଞ୍ଜୁ ସାମ୍‌ସନ୍ ୧୭ ବର୍ଷ ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି । ପ୍ରଥମ ୱିକେଟ୍ ପାଇଁ ଉଭୟ ୯୮ ରନ୍‌ର ପାର୍ଟନରଶିପ୍ କରିଥିଲେ । ତେବେ ଉଭୟ ୫୦ ରନ୍‌ର ପାର୍ଟନରଶିପ୍ କରିବା ମାତ୍ରେ ହିଁ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଏକ ନୂଆ ରେକର୍ଡ ସ୍ଥାପନ କରିଥିଲେ । ଏହା ପୂର୍ବରୁ ଫାଇନାଲ୍‌ରେ ଓପ୍ନିଂ ୱିକେଟ୍ ପାଇଁ ସବୁଠୁ ବଡ଼ ପାର୍ଟନରଶିପ୍ ୪୮ ରନ୍‌ର ଥିଲା । ୨୦୦୯ ବିଶ୍ୱକପ୍ ଫାଇନାଲ୍‌ରେ ପାକିସ୍ତାନର କାମରାନ୍ ଅକମଲ୍ ଏବଂ ଶାହଜୈବ ହସନ୍ ଏହି ପାର୍ଟନରଶିପ୍ କରିଥିଲେ । ଏବେ ୧୭ ବର୍ଷ ପରେ ଭାରତୀୟ ଯୋଡ଼ି ଏହି ରେକର୍ଡ ପଛରେ ପକାଇଛନ୍ତି । ଭାରତୀୟ ଟିମ୍ ମ୍ୟାଚ୍‌ରେ ଦ୍ରୁତ ଆରମ୍ଭ କରି ମାତ୍ର ୪ ଓଭର୍‌ରେ ହିଁ ୫୦ ରନ୍ ପାର୍ କରିଥିଲା । ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍‌ରେ ଏହା କୌଣସି ଟିମ୍ ଦ୍ୱାରା ହୋଇଥିବା ଦ୍ରୁତତମ ୫୦ ରନ୍ । ଏହି ଆକ୍ରମଣାତ୍ମ ଆରମ୍ଭ ନ୍ୟୁଜିଲାଣ୍ଡ ବୋଲରଙ୍କ ଉପରେ ପ୍ରାରମ୍ଭିକ ଚାପ ସୃଷ୍ଟି କରିଥିଲା । ପାୱାରପ୍ଲେରେ ଉଭୟ ଅଭିଷେକ ଏବଂ ସଞ୍ଜୁ ହାତଖୋଲା ଶଟ୍ ଖେଳିଥିଲେ । ପ୍ରଥମ ୬ ଓଭର୍‌ରେ ଭାରତୀୟ ଟିମ୍ ୯୦ରୁ ଉର୍ଦ୍ଧ୍ୱ ରନ୍ ଯୋଡ଼ିଥିଲା । ଏହା କୌଣସି ଫାଇନାଲ୍ ମ୍ୟାଚ୍ ପାଇଁ ବହୁ ଚମତ୍କାର ଆରମ୍ଭ ଭାବେ ଗଣ୍ୟ ।

ଫାଇନାଲ୍ ମ୍ୟାଚ୍‌ରେ ଅଭିଷେକ ଶର୍ମାଙ୍କ ପ୍ରଦର୍ଶନ ବିଶେଷ ଭାବେ ଚର୍ଚ୍ଚାର ବିଷୟ ଥିଲା । ପୂରା ଟୁର୍ଣ୍ଣାମେଣ୍ଟରେ ରନ୍ ସଂଗ୍ରହ ପାଇଁ ସଂଘର୍ଷ କରୁଥିବା ଅଭିଷେକ ନିର୍ଣ୍ଣାୟକ ମ୍ୟାଚ୍‌ରେ ଉନ୍ନତ ବ୍ୟାଟିଂ କରିଥିଲେ । ସେ ମାତ୍ର ୧୮ ବଲ୍‌ରେ ଅର୍ଦ୍ଧଶତକ ପୂରା କରିବା ସହିତ ବିପକ୍ଷ ଟିମ୍‌ର ବୋଲରଙ୍କୁ ନିର୍ଧୁମ ପିଟିଥିଲେ । ତାଙ୍କର ଏହି ଇନିଂସ୍‌ରେ କେତେକ ଆକର୍ଷକ ଚୌକା ଓ ଛକା ଦେଖିବାକୁ ମିଳିଥିଲା, ଯାହା ଫଳରେ ଭାରତର ରନ୍‌ଗତି ଦ୍ରୁତ ଭାବେ ବୃଦ୍ଧି ପାଇଥିଲା । ତାଙ୍କର ଆକ୍ରମଣାତ୍ମ ବ୍ୟାଟିଂ ନ୍ୟୁଜିଲାଣ୍ଡକୁ ରଣନୀତି ବଦଳାଇବାକୁ ବାଧ କରିଥିଲା ।

ଅଭିଷେକଙ୍କ ଏହି ଇନିଂସ୍ କେବଳ ଟିମ୍ ପାଇଁ ନୁହେଁ, ବରଂ ରେକର୍ଡ ମାମଲାରେ ମଧ୍ୟ ସ୍ୱତନ୍ତ୍ର । ୧୮ ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ଟି-୨୦ ବିଶ୍ୱକପ୍‌ର ନକ୍‌ଆଉଟ୍ ମ୍ୟାଚ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହୋଇଛି । ଏହା ପୂର୍ବରୁ ଏହି ରେକର୍ଡ ସଂଯୁକ୍ତ ଭାବେ ଫିନ୍ ଏଲେନ୍ ଏବଂ ଜ୍ୟାକବ୍ ବେଥେଲ୍‌ଙ୍କ ନାମରେ ଥିଲା । ସେମାନେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ । ତେବେ ଅଭିଷେକଙ୍କ ଇନିଂସ୍ ଏହି ଟୁର୍ଣ୍ଣାମେଣ୍ଟର ସବୁଠୁ ଦ୍ରୁତ ୫୦ରେ ସାମିଲ ହୋଇଛି । ଏହା ସହିତ ସେ ଟି-୨୦ ବିଶ୍ୱକପ୍ ଇତିହାସରେ ଭାରତ ପକ୍ଷରୁ ସଂଯୁକ୍ତ ଭାବେ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି । ଏହି ସୂଚୀରେ ତାଙ୍କ ସହିତ କେଏଲ୍ ରାହୁଲଙ୍କ ନାମ ମଧ୍ୟ ସାମିଲ ଅଛି । ଭାରତ ପାଇଁ ଟି-୨୦ ବିଶ୍ୱକପ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ଏବେ ବି ଯୁବରାଜ ସିଂହଙ୍କ ନାମରେ ରହିଛି । ସେ ଇଂଲଣ୍ଡ ବିପକ୍ଷ ୨୦୦୭ ସଂସ୍କରଣରେ ମାତ୍ର ୧୨ ବଲ୍‌ରେ ଏହି ଉପଲବ୍ଧି ହାସଲ କରିଥିଲେ ।

# ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍: ଫାଇନାଲ୍‌ରେ ହାରିଲେ ଲକ୍ଷ୍ୟ ସେନ୍

ବର୍ମିଂହାମ୍,(ଏଜେନ୍ସି): ଭାରତର ଅନୁଭବୀ ଶଟ୍‌ଲର୍ ଲକ୍ଷ୍ୟ ସେନ୍ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ରବିବାର ପୁରୁଷ ସିଙ୍ଗଲ୍ସର ଟାଇଟଲ୍ ମୁକାବିଲା ଲକ୍ଷ୍ୟଙ୍କୁ ଚୀନା ତାଇପେଇର ଲିନ୍ ଚୁନ୍-ୟି ୨୧-୧୫, ୨୨-୨୦ରେ ହରାଇ ଦେଇଛନ୍ତି । ଏହି ମ୍ୟାଚ୍‌ରେ ଲକ୍ଷ୍ୟଙ୍କ ନିକଟରେ କେବଳ ଟାଇଟଲ୍ ଜିତିବା ନୁହେଁ, ବରହ ଜାନୁଆରୀରେ ଲିନ୍ ଚୁନ୍-ୟିଙ୍କ ଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେବା ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା । ମାତ୍ର ସେ ଏଥିରୁ ବଞ୍ଚିତ ହୋଇଛନ୍ତି । ଏହା ପୂର୍ବରୁ ସେନ୍‌ଙ୍କୁ ଇଣ୍ଡିଆ ଓପନ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ଚୁନ୍-ୟି ପରାଜିତ କରିଥିଲେ । ସେମିଫାଇନାଲ୍‌ରେ ଏକ ଘଣ୍ଟା ୩୭ ମିନିଟ୍‌ର କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କାନାଡାର ଭିକ୍ଟର ଲାଇଙ୍କୁ ୨୧-୧୬, ୧୮-୨୧, ୨୧-୧୫ରେ ହରାଇ ଲକ୍ଷ୍ୟ ଦ୍ୱିତୀୟ ଥର ପାଇଁ ଅଲ୍ ଇଂଲଣ୍ଡ ଓପନ୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ । ଏହା ପୂର୍ବରୁ ୨୦୨୨ରେ ଲକ୍ଷ୍ୟ ଫାଇନାଲ୍‌ରେ ପ୍ରବେଶ କରିଥିଲେ । ତେବେ ଭିକ୍ଟର ଆକ୍ସଲସେନ୍‌ଙ୍କଠାରୁ ପରାଜିତ ହୋଇଥିଲେ । ଯଦି ଲକ୍ଷ୍ୟ ଆଜି ଟାଇଟଲ୍ ଜିତିଥାନ୍ତେ, ତେବେ ଅଲ୍ ଇଂଲଣ୍ଡ ଟାଇଟଲ୍ ଜିତିବାରେ ତୃତୀୟ ଭାରତୀୟ ହୋଇଥାନ୍ତେ । ଏହା ପୂର୍ବରୁ ଭାରତ ପାଇଁ ପ୍ରକାଶ ପାଦୁକୋଣ ୧୯୮୦ରେ ପ୍ରଥମ ଥର ଟାଇଟଲ୍ ଜିତିଥିଲେ ।

# ସଞ୍ଜୁ ସାମ୍‌ସନ୍‌ଙ୍କ ବିଶ୍ୱ ରେକର୍ଡ

ଅହମଦାବାଦ,(ଏଜେନ୍ସି): ଟି-୨୦ ବିଶ୍ୱକପ୍ ୨୦୨୬ ଫାଇନାଲ୍‌ରେ ଭାରତୀୟ ୱିକେଟ୍‌କିପର୍-ବ୍ୟାଟର୍ ସଞ୍ଜୁ ସାମ୍‌ସନ୍ ଚମତ୍କାର ବ୍ୟାଟିଂ ସହ ଏକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି । ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ସାମ୍‌ସନ୍ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ୮୯ ରନ୍‌ର ଇନିଂସ୍ ତାଙ୍କୁ ଇତିହାସ ପୃଷ୍ଠାରେ ସ୍ଥାନ ଦେଇଛି । ଏହି ପ୍ରଦର୍ଶନ ସହ ସେ ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି ଏବଂ ବିରାଟ କୋହଲିଙ୍କ ରେକର୍ଡକୁ ମଧ୍ୟ ପଛରେ ପକାଇଛନ୍ତି । ସଞ୍ଜୁ ସାମ୍‌ସନ୍ ଚଳିତ ଟୁର୍ଣ୍ଣାମେଣ୍ଟରେ ଲଗାତାର ଚମତ୍କାର ପ୍ରଦର୍ଶନ କରିବା ସହିତ ରନ୍ ସଂଗ୍ରହ ମାମଲାରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ ଟୁର୍ଣ୍ଣାମେଣ୍ଟରେ ମାତ୍ର ପାଞ୍ଚ ଇନିଂସ୍‌ରେ ୩୨୧ ରନ୍ କରିଛନ୍ତି, ଯାହା କୌଣସି ଭାରତୀୟ ବ୍ୟାଟରଙ୍କ ଦ୍ୱାରା ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ସ୍କୋର୍ । ଏହା ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାମରେ ଥିଲା । କୋହଲି ଗୋଟିଏ ସଂସ୍କରଣରେ ୩୧୯ ରନ୍ କରିଥିଲେ । ସେହିପରି ତୃତୀୟ ସ୍ଥାନରେ ଈଶାନ୍ କିଶନ୍‌ଙ୍କ ନାମ ରହିଛି । ସେ ଗୋଟିଏ ସଂସ୍କରଣର ୯ ଇନିଂସ୍‌ରେ ମୋଟ ୩୧୭ ରନ୍ କରିଥିଲେ । ଏହି ଉପଲବ୍ଧି ସାମ୍‌ସନ୍‌ଙ୍କ ଚମତ୍କାର ଫର୍ମ ଏବଂ ପୂରା ଟୁର୍ଣ୍ଣାମେଣ୍ଟରେ ତାଙ୍କର ନିରନ୍ତରତାକୁ ଦର୍ଶାଉଛି ।

# ଦିନିକିଆ କ୍ରିକେଟ୍‌ରୁ ଲି ତାହୁହୁଙ୍କ ସନ୍ନ୍ୟାସ, ନ୍ୟୁଜିଲାଣ୍ଡ ମହିଳା ଟିମ୍‌ର ସର୍ବାଧିକ ୱିକେଟ୍ ହାସଲକାରୀ

ନାପିଏର୍,(ଏଜେନ୍ସି): ନ୍ୟୁଜିଲାଣ୍ଡ ମହିଳା ଟିମ୍‌ର ଅନୁଭବୀ ଫାଷ୍ଟ ବୋଲର୍ ଲି ତାହୁହୁ ଦିନିକିଆ କ୍ରିକେଟ୍‌ରେ ସନ୍ନ୍ୟାସ ନେଇଛନ୍ତି । ୩୫ ବର୍ଷୀୟା ତାହୁହୁ ନିଜର ୧୫ ବର୍ଷର ଲମ୍ବା କ୍ୟାରିୟର୍‌ରେ ବ୍ରେକ୍ ଲଗାଇଛନ୍ତି । ଦିନିକିଆକୁ ଅଲ୍‌ବିଦା କହିବା ସତ୍ତ୍ୱେ ସେ ଟି-୨୦ କ୍ରିକେଟ୍ ଖେଳିବା ଜାରି ରଖିବେ । ଚଳିତ ବର୍ଷ ଜୁନ୍‌ରେ ହେବାକୁ ଥିବା ବିଶ୍ୱକପ୍ ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି । ତାହୁହୁ ୨୦୧୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଦିନିକିଆ ଡେବ୍ୟୁ କରିଥିଲେ । ସେବେଠାରୁ ସେ କିୱି ଟିମ୍‌ର ବୋଲିଂ ଡିପାର୍ଟମେଣ୍ଟକୁ ନେତୃତ୍ୱ ଦେଇ ଆସିଛନ୍ତି । ଗତବର୍ଷ ଦିନିକିଆ ବିଶ୍ୱକପ୍‌ରେ ସେ ସାଉଥ୍ ଆଫ୍ରିକା ବିପକ୍ଷରେ ନିଜର ଶେଷ ଦିନିକିଆ ଖେଳିଥିଲେ । ଏହି ମ୍ୟାଚ୍‌ରେ ସେ ୯ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଥିଲେ । ତାହୁହୁ ଦିନିକିଆରେ ନ୍ୟୁଜିଲାଣ୍ଡର ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ । ୧୦୩ ମ୍ୟାଚ୍‌ରେ ତାଙ୍କ ନାମରେ ୧୨୫ ୱିକେଟ୍ ରହିଛି । ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ୧୦୦ରୁ ଉର୍ଦ୍ଧ୍ୱ ଦିନିକିଆ ମ୍ୟାଚ୍ ଖେଳିଥିବା ୧୨ ମହାନ୍ ଖେଳାଳିଙ୍କ ମଧ୍ୟରେ ସେ ଅନ୍ୟତମ । ତାହୁହୁ ନିଜ କ୍ୟାରିୟର୍‌ରେ ୪ ଦିନିକିଆ ବିଶ୍ୱକପ୍ (୨୦୧୩, ୨୦୧୭, ୨୦୨୨ ଏବଂ ୨୦୨୫) ଖେଳିଛନ୍ତି ।

# ୪୪ ବର୍ଷର ରେକର୍ଡ ଭାଙ୍ଗିଲେ ଆମେଲିଆ କେର୍

ଡୁନେଡିନ୍,(ଏଜେନ୍ସି): ନ୍ୟୁଜିଲାଣ୍ଡ ମହିଳା ଟିମ୍ କ୍ୟାପ୍‌ଟେନ୍ ଆମେଲିଆ କେର୍ ଡୁନେଡିନ୍‌ର ୟୁନିଭର୍ସିଟି ଓଭାଲ୍ ଗ୍ରାଉଣ୍ଡରେ ଇତିହାସ ରଚିଛନ୍ତି । ଜିମ୍ବାୱେ ଖିଲା ଦ୍ୱିତୀୟ ଦିନିକିଆରେ କେର୍ ମାତ୍ର ୩୪ ରନ୍ ଦେଇ ୭ ୱିକେଟ୍ ଅକ୍ତିଆର କରିଛନ୍ତି । ଏହା ନ୍ୟୁଜିଲାଣ୍ଡ ମହିଳା ଟିମ୍ ପାଇଁ ଦିନିକିଆ କ୍ରିକେଟ୍‌ରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ । ଆମେଲିଆ ଏହା ସହିତ ଜେକି ଲର୍ଡଙ୍କ ୪୪ ବର୍ଷ ପୁରୁଷ ରେକର୍ଡ ଭଙ୍ଗଳ କରିଛନ୍ତି । ଜେମି ୧୯୮୨ରେ ମହିଳା ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ମାତ୍ର ୧୦ ରନ୍ ଦେଇ ୬ ୱିକେଟ୍ ନେଇଥିଲେ । ସେବେଠାରୁ କୌଣସି କିୱି ବୋଲର୍ ଗୋଟିଏ ଇନିଂସ୍‌ରେ ୭ ୱିକେଟ୍ ନେଇପାରି ନଥିଲେ । ଏହା ସହିତ ଆମେଲିଆ ମହିଳା ଦିନିକିଆରେ ୭ ୱିକେଟ୍ ହାସଲ କରିବାରେ ବିଶ୍ୱର ସପ୍ତମ ବୋଲର୍ ହୋଇଛନ୍ତି । ଏହି କ୍ଲବ୍‌ରେ ପାକିସ୍ତାନର ସାଜିଦା ଶାହ, ଅଷ୍ଟ୍ରେଲିଆର ଏଲିସ୍ ପେରୀ, ଅଲାନା କିଙ୍ଗ୍, ଶେଲୀ ନିଶକ୍, ୱେଷ୍ଟଇଣ୍ଡିଜ୍‌ର ଅନୀସା ମହମ୍ମଦ ଏବଂ ଇଂଲଣ୍ଡର ଜୋ ଚାମ୍ପିରଲେନ୍ ସାମିଲ ଅଛନ୍ତି । ନ୍ୟୁଜିଲାଣ୍ଡର ଘାତକ ବୋଲିଂର ସାମ୍ନା କରିନପାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ୨୯.୧ ଓଭର୍‌ରେ ମାତ୍ର ୧୦୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଓପ୍ନର୍ କେଲିସ୍ ଏନଥଲୋଭୁ ୧୨ ଏବଂ ୱିକେଟ୍‌କିପର୍ ମୋଡେଷ୍ଟର୍ ମୁପାଚିକ୍ୱା ୩୨ ରନ୍ କରି ଟିମ୍‌ର ସ୍କୋର୍ ୫୦ ରନ୍ ପାର ପହଞ୍ଚାଇଥିଲେ । ସେହିପରି ଓଡ୍ରେ ମାଜ୍ୱିଶାୟା ୧୩ ଏବଂ ତେନ୍ଦାଇ ମାକୁଶା ୧୨ ରନ୍ କରି ଜିମ୍ବାୱେ କୌଣସି ପ୍ରକାରେ ୧୦୦ ରନ୍ ପାର୍ କରାଇଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ମୋଲୀ ପେନ୍‌ଫୋଲ୍ଡ ଜିମ୍ବାୱେର ଶୀର୍ଷ ୩ ୱିକେଟ୍ ନେବାପରେ ଆମେଲିଆ ବାକି ବ୍ୟାଟରଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ । ୧୦୩ ରନ୍‌ର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୧୬.୨ ଓଭର୍‌ରେ ହାସଲ କରିନେଇଥିଲା । କ୍ୟାପ୍‌ଟେନ୍ ଆମେଲିଆ କେର୍ ଓପ୍ନିଂ କରି ୪୦ ବଲ୍‌ରେ ୪୫ ଓ ୱିକେଟ୍‌କିପର୍ ଇଜାବେଲା ଗେଜ୍ ୨୦ ରନ୍‌ରେ ଆଉଟ୍ ହୋଇଥିଲେ । ଶେଷରେ ମାଡି ଗ୍ରୀନ୍ ୨୭ ଏବଂ ବ୍ରୁକ୍ ହାଲିଡେ ୭ ରନ୍ କରି ଟିମ୍‌କୁ ବିଜୟୀ କରାଇଥିଲେ । ଜିମ୍ବାୱେ ପକ୍ଷରୁ ଓଡ୍ରେ ମାଜ୍ୱିଶାୟା ଏବଂ କ୍ରିଷ୍ଟାବେଲ୍ ଚାଟୋନ୍‌ଜ୍ୱା ୧-୧ ୱିକେଟ୍ ପାଇଥିଲେ । ଏହି ବିଜୟ ସହ ଜିମ୍ବାୱେ ତିନି ମ୍ୟାଚ୍‌ର ସିରିଜ୍‌ରେ ୨-୦ର ଅଜେୟ ଅଗ୍ରଣୀ ହାସଲ କରିଛି । ତୃତୀୟ ଦିନିକିଆ ମାର୍ଚ୍ଚ ୧୧ରେ ଏହି ଗ୍ରାଉଣ୍ଡରେ ଖେଳାଯିବ ।

# ମାର୍ଚ୍ଚ ୨୮ରୁ ଆଇପିଏଲ୍ ୨୦୨୬

ଅହମଦାବାଦ,(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବ । ରବିବାର ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ-ନ୍ୟୁଜିଲାଣ୍ଡ ଟି-୨୦ ବିଶ୍ୱକପ୍ ଫାଇନାଲ୍ ପୂର୍ବରୁ ବ୍ରଡ୍‌କାଷ୍ଟର୍ ଷ୍ଟାର୍ ସ୍ପୋର୍ଟ୍ସ ଏହି ଘୋଷଣା କରିଛି । ପୂର୍ବରୁ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୬ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ମାତ୍ର ତାମିଲନାଡ଼ୁ, କେରଳ, ଆସାମ, ପଶ୍ଚିମବଙ୍ଗ ଏବଂ ପୁଡୁଚେରୀରେ ହେବାକୁ ଥିବା ବିଧାନସଭା ନିର୍ବାଚନ କରଣରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି । ଅବଶ୍ୟ ଆଇପିଏଲ୍ ପକ୍ଷରୁ ଏ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟର ପୂରା କାର୍ଯ୍ୟସୂଚୀ ଘୋଷଣା କରାଯାଇ ନାହିଁ । ତେବେ ଫାଇନାଲ୍ ମ୍ୟାଚ୍ ପୂର୍ବପରି ମେ' ୩୧ ତାରିଖରେ ଆୟୋଜିତ ହେବ । ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଏବଂ ଫାଇନାଲ୍ ମ୍ୟାଚ୍ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ ।

୨୦୦୮ରେ ଆଇପିଏଲ୍ ଆରମ୍ଭ ହେବା ପରଠାରୁ ଯେବେ ବି ଦେଶରେ ସାଧାରଣ ନିର୍ବାଚନ (୨୦୦୯, ୨୦୧୪, ୨୦୦୧୯ ଏବଂ ୨୦୨୪) କିମ୍ବା କୌଣସି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି, ଟୁର୍ଣ୍ଣାମେଣ୍ଟର କାର୍ଯ୍ୟକ୍ରମ ଦୁଇ ଭାଗରେ ଘୋଷଣା କରାଯାଇଛି । ଚଳିତ ଥର ମଧ୍ୟ ବିସିସିଆଇ ଏପରି କରିବା ସମ୍ଭାବନା ରହିଛି ।

# ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପ୍ରଥମ: ୫ ବଲ୍‌ରେ ୫ ୱିକେଟ୍ ନେଲେ ବ୍ରେଟ୍ ରାଣ୍ଡେଲ୍


ନାପିଏର୍,୮।୩/ଏଜେନ୍ସି: ନ୍ୟୁଜିଲାଣ୍ଡର ଘରୋଇ ଟୁର୍ଣ୍ଣାମେଣ୍ଟ ପ୍ଲଙ୍କେଟ୍ ଶିଲ୍ଡରେ ରବିବାର ସେଣ୍ଟ୍ରାଲ୍ ଡିଷ୍ଟ୍ରିକ୍ଟସ୍‌ର ବ୍ରେଟ୍ ରାଣ୍ଡେଲ୍ ନାମକ ଫାଷ୍ଟ ବୋଲର୍ ଇତିହାସ ରଚିଛନ୍ତି । ସେଣ୍ଟ୍ରାଲ୍ ଡିଷ୍ଟ୍ରିକ୍ଟସ୍ ଏବଂ ନର୍ଥନ୍ ଡିଷ୍ଟ୍ରିକ୍ଟସ୍ ମଧ୍ୟରେ ନାପିଏର୍‌ର ମ୍ୟାକ୍‌ଲିନ୍ ପାର୍କରେ ଖେଳାଯାଉଥିବା ମ୍ୟାଚ୍‌ରେ ରାଣ୍ଡେଲ୍ ପ୍ରଥମ ଇନିଂସ୍‌ରେ ଲଗାତାର ପାଞ୍ଚ ବଲ୍‌ରେ ପାଞ୍ଚ ୱିକେଟ୍ ଅକ୍ତିଆର କରିଛନ୍ତି । ପ୍ରଥମ ଶ୍ରେଣୀ କ୍ରିକେଟ୍ ଇତିହାସରେ କୌଣସି ବୋଲର୍ ଲଗାତାର ପାଞ୍ଚ ବଲ୍‌ରେ ପାଞ୍ଚ ୱିକେଟ୍ ନେବା ଏହା ପ୍ରଥମ ଘଟଣା । ଏହା ପୂର୍ବରୁ ଆୟର୍ଲାଣ୍ଡ ଅଲ୍‌ରାଉଣ୍ଡର୍ କର୍ଟିସ୍ କାମ୍ଫର୍ ୨୦୨୧ରେ ଏକ ଘରୋଇ ଟି-୨୦ ମ୍ୟାଚ୍‌ରେ ଲଗାତାର ପାଞ୍ଚ ବଲ୍‌ରେ ପାଞ୍ଚ ୱିକେଟ୍ ଅକ୍ତିଆର କରିଥିଲେ । ରାଣ୍ଡେଲ୍‌ଙ୍କ ବୋଲିଂରେ ନର୍ଦର୍ନ ଡିଷ୍ଟ୍ରିକ୍ଟସ୍‌ର ଟପ୍ ଅର୍ଡର୍ ଧ୍ୱସ୍ତ ହୋଇଯାଇଥିଲା । ଟିମ୍ ୯ ରନ୍‌ରେ ୫ ୱିକେଟ୍ ହରାଇଥିଲା । ରାଣ୍ଡେଲ୍ ନିଜ ଦ୍ୱିତୀୟ ଓଭର୍‌ର ଅନ୍ତିମ ବଲ୍‌ରେ ଓପ୍ନର୍ ହେନରୀ କୁପରଙ୍କୁ ବୋଲ୍ଡ କରିଥିଲେ । ପରବର୍ତ୍ତୀ ଓଭର୍‌ର ପ୍ରଥମ ବଲ୍‌ରେ ଜିତ ରାୱଲଙ୍କୁ ଆଉଟ୍ କରିବା ପରେ ଜୋ କାର୍ଟରଙ୍କୁ କ୍ୟାଚ୍ ଆଉଟ୍ କରାଇ ହ୍ୟାଟ୍ରିକ୍ ପୂରଣ କରିଥିଲେ । ଚତୁର୍ଥ ୱିକେଟ୍ ରବର୍ଟ ଓ'ଡୋନେଲ୍‌ଙ୍କର ଥିଲା, ସେ ସ୍ଲିପ୍‌ରେ କ୍ୟାଚ୍ ହୋଇଥିଲେ । ପଞ୍ଚମ ୱିକେଟ୍ କ୍ରିଷ୍ଟିଆନ୍ କ୍ଲାର୍କଙ୍କର ଥିଲା । ବଲ୍ ତାଙ୍କ ବ୍ୟାଟ୍‌ର ଭିତର କୋଣରେ ବାଜି ଷ୍ଟମ୍ପରେ ଲାଗିଥିଲା । ସେତେବେଳକୁ ରାଣ୍ଡେଲ୍ ୨.୪ ଓଭର୍‌ରେ ୨ ରନ୍ ଦେଇ ୫ ୱିକେଟ୍ ନେଇସାରିଥିଲେ । ପରେ ରାଣ୍ଡେଲ୍ ଆଠ ବଲ୍‌ରେ ଛଅ ୱିକେଟ୍ ନେଇ ଆଉ ଏକ ରେକର୍ଡ କରିଥିଲେ । ସେ ୩.୫ ଓଭର୍‌ରେ ୭ ୱିକେଟ୍ ପୂରା କରିବା ସହିତ ୧୧ ଓଭର୍‌ରେ ୨୫ ରନ୍ ଦେଇ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ପ୍ରଦର୍ଶନ (୭.୨୫) କରିଥିଲେ ।

ଜାତୀୟ ଚେତନା
JATIYA CHETANA



# ‘ନାଗଜିଲା’ରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଆସିବେ ନଜର

ସାଉଥର ନୂତନ ମୁହଁ ଏବେ ବଲିଉଡରେ ପାଦ ଦେଉଛନ୍ତି। ଆଗାମୀ ଫ୍ୟାଣ୍ଟାସି କ୍ରିଏଚର କମେଡି ‘ନାଗଜିଲା’ରେ କାର୍ତ୍ତିକ ଆର୍ଯ୍ୟନଙ୍କ ବିପକ୍ଷରେ ଅଭିନେତ୍ରୀ ପ୍ରୀତି ମୁଖୁନ୍ଧନଙ୍କୁ କାଷ୍ଟ କରାଯାଇଥିବା ଜଣାପଡ଼ିଛି। ଏହି ଖବର ସାମ୍ନାକୁ ଆସିବା ପରେ ଅନେକ ଲୋକ ଏବେ ସମାନ ପ୍ରଶ୍ନ ପଚାରୁଛନ୍ତି, ପ୍ରୀତି ମୁଖୁନ୍ଧନ ପ୍ରକୃତରେ କିଏ? ପ୍ରୀତି ଜଣେ ଯୁବ ଅଭିନେତା, ମଡେଲ ଏବଂ ନୃତ୍ୟଶିଳ୍ପୀ ଯିଏ ମୁଖ୍ୟତଃ ତେଲୁଗୁ, ତାମିଲ ଏବଂ ମାଲାୟଲମ ଚଳଚ୍ଚିତ୍ରରେ କାମ କରନ୍ତି। ତାଙ୍କର ଜନ୍ମ ୩୦ ଜୁଲାଇ ୨୦୦୧ରେ ଭାରତୀୟ ରାଜ୍ୟ ତାମିଲନାଡୁର ତିରୁଚିରାପାଲିରେ ହୋଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ଚଳଚ୍ଚିତ୍ରରେ ତାଙ୍କର ଯାତ୍ରା ଅଭିନୟ ସ୍ୱପ୍ନ ସହ ଆରମ୍ଭ ହୋଇନଥିଲା। ପ୍ରୀତି ପ୍ରକୃତରେ ଏକ ଶିକ୍ଷାଗତ ପୃଷ୍ଠଭୂମିରୁ ଆସିଛନ୍ତି ଏବଂ ପ୍ରତିଷ୍ଠିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ତିରୁଚିରାପାଲିରୁ ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ପଢିଥିଲେ। ସାକ୍ଷାତକାରରେ, ଅଭିନେତ୍ରୀ ସେୟାର କରିଛନ୍ତି ଯେ ତାଙ୍କ ବାପାମାଆ ଉଭୟ ଡାକ୍ତର ଏବଂ ମନୋରଞ୍ଜନ ଜଗତ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ତଥାପି, ସେମାନେ ତାଙ୍କର ସୃଜନଶୀଳ ଆଗ୍ରହକୁ ସମର୍ଥନ କରିଥିଲେ। ପ୍ରୀତି ୪ ବର୍ଷ ବୟସରୁ ନୃତ୍ୟ ତାଲିମ ନେଇଥିଲେ ଏବଂ ତାଙ୍କ କିଶୋର ବୟସ ପର୍ଯ୍ୟନ୍ତ ଶିଖିବା ଜାରି ରଖିଥିଲେ। ଚଳଚ୍ଚିତ୍ରରେ ପ୍ରବେଶ କରିବା ପୂର୍ବରୁ, ସେ ପ୍ରଥମେ ମଡେଲିଂ ଏବଂ ସଂଗୀତ ଭିଡିଓ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ।






ତାଙ୍କ ପ୍ରାରମ୍ଭିକ କ୍ୟାରିୟରର ସବୁଠାରୁ ବଡ଼ ମୋଡ଼ ଥିଲା ସାଇ ଅଭ୍ୟଙ୍କରଙ୍କ ଦ୍ୱାରା ରଚିତ ଭାଇରାଲ ତାମିଲ ସଂଗୀତ ଭିଡିଓ ‘ଆସା କୁଡା’ରେ ଅଭିନୟ କରିବା। ଭିଡିଓଟି ଅନଲାଇନରେ ବ୍ୟାପକ ଭାବରେ ଲୋକପ୍ରିୟ ହୋଇଥିଲା ଏବଂ ତାଙ୍କୁ ଦର୍ଶକଙ୍କ ସହ ପରିଚିତ କରାଇଥିଲା। ତାଙ୍କ ଚଳଚ୍ଚିତ୍ର ଯାତ୍ରା ୨୦୨୪ ମସିହାରେ ଶ୍ରୀହର୍ଷ କୋନୁଗନ୍ତିଙ୍କ ନିର୍ଦ୍ଦେଶିତ ତେଲୁଗୁ ହରର୍-କମେଡି ଓମ୍ ଭୀମ୍ ବୁଶ୍ ସହ ଆରମ୍ଭ ହୋଇଥିଲା। ଏହି ଚଳଚ୍ଚିତ୍ରଟି ତାଙ୍କର ଅଭିନୟରେ ଡେବ୍ୟୁ କରିଥିଲା। ତାଙ୍କୁ ପରିଚିତି ହାସଲ କରିବାରେ ସାହାଯ୍ୟ କରିଥିଲା। ସେହି ବର୍ଷ, ସେ ଅଭିନେତା କଭିନ୍‌ଙ୍କ ସହ ତାମିଲ୍ ଆଗାମୀ ବୟସର ରୋମାଣ୍ଟିକ୍ ଡ୍ରାମା ଷ୍ଟାରରେ ମଧ୍ୟ ଅଭିନୟ କରିଥିଲେ। ଇଞ୍ଜିନିୟରରୁ ଅଭିନେତ୍ରୀ ସାଜିଥିବା ପ୍ରୀତି ପରେ ତେଲୁଗୁ ପିରିୟଡ୍ ଡ୍ରାମା ‘କନ୍ନପ୍ପା’ରେ ନଜର ଆସିଥିଲେ। ଯାହା ମୋହନଲାଲ, ପ୍ରଭାସ ଏବଂ ଅକ୍ଷୟ କୁମାରଙ୍କ ପରି କଳାକାରଙ୍କ ଦ୍ୱାରା ତାରକାଯୁକ୍ତ ଅତିଥି ଭୂମିକା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲା ।

୨୦୨୫ ମସିହାରେ, ସେ ହୃଦୁ ହାରୁନଙ୍କ ବିପକ୍ଷରେ ’ମେନେ ପ୍ୟାର କିୟା’ ସହ ମାଲାୟଲମ ସିନେମାରେ ପାଦ ଦେଇଥିଲେ। ନିଭିନ ପାଉଲିଙ୍କ ଅଭିନୀତ ମାଲାୟଲମ ଚଳଚ୍ଚିତ୍ର ‘ସର୍ବମ ମାୟା’ରେ ସାଧା ଭୂମିକା ପାଇଁ ସେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଚଳଚ୍ଚିତ୍ରଟି ଏକ ବଡ଼ ସଫଳତା ପାଇଲା ଏବଂ ବିଶ୍ୱବ୍ୟାପୀ ୧୫୦ କୋଟି ଟଙ୍କା ଆୟ କରି ସର୍ବାଧିକ ଆୟକାରୀ ମାଲାୟଲମ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ହୋଇଗଲା। ଏବେ, ପ୍ରୀତି ତାଙ୍କର ହିନ୍ଦୀ ଚଳଚ୍ଚିତ୍ର ଡେବ୍ୟୁ ସହ ତାଙ୍କ କ୍ୟାରିଅରରେ ଏକ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ। ତାଙ୍କର ଆଗାମୀ ବଲିଉଡ୍ ପ୍ରୋଜେକ୍ଟ ନାଗଜିଲାରେ ଆସିବେ ନଜର। ‘ନାଗଜିଲା’ ଫିଲ୍ମଟି ମୃଗଦୀପ ସିଂହ ଲାମ୍ବାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଧର୍ମା ପ୍ରଡକ୍ସନ ଅଧୀନରେ କରଣ ଜୋହରଙ୍କ ଦ୍ୱାରା ପ୍ରଯୋଜିତ। ଏହି ଫିଲ୍ମଟି ସର୍ପ ପୌରାଣିକ କାହାଣୀ ଦ୍ୱାରା ଅନୁପ୍ରାଣିତ। ଏହି ସିନେମାରେ କାର୍ତ୍ତିକ ଆର୍ଯ୍ୟନ, ପ୍ରେମ୍ୟମଦ୍ୱେଶ୍ୱର ପ୍ୟାରେ ଚାନ୍ଦଙ୍କ ଭୂମିକାରେ ଅଭିନୟ କରିବେ, ଜଣେ ୬୩୧ ବର୍ଷୀୟ ଇଚ୍ଛାଧାରୀ ନାଗ ଯିଏ ମଣିଷ ଏବଂ ସର୍ପ ରୂପ ମଧ୍ୟରେ ପରିବର୍ତ୍ତନ କରିପାରନ୍ତି। ଏହି କାହାଣୀଟି ପ୍ରାଚୀନ ପୌରାଣିକ କାହାଣୀକୁ ଆଧୁନିକ ଅରାଜକତା ସହିତ ମିଶ୍ରଣ କରୁଥିବା କୁହାଯାଏ ଏବଂ ଏକ ଯୋଜନାବଦ୍ଧ ପ୍ରାଣୀ-କମେଡି ତ୍ରିକୋଣୀୟର ଆରମ୍ଭ ହେବ। ଏହି ଫିଲ୍ମଟି ଅଗଷ୍ଟ ୧୪, ୨୦୨୬ ରେ ନାଗ ପଞ୍ଚମୀ ପର୍ବ ସମୟରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

# ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଦେବଦୂତ ସାଜିଲେ ସୋନୁ ସୁଦ

ହାଇଦ୍ରାବାଦ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଆମେରିକା-ଇରାନ-ଇସ୍ରାଏଲ ଯୁଦ୍ଧ ଅନେକ ଦେଶରେ ଉତ୍ତେଜନା ସୃଷ୍ଟି କରିଛି। ଏହା ସିଧାସଳଖ ସାଧାରଣ ନାଗରିକଙ୍କୁ ପ୍ରଭାବିତ କରୁଛି, ବିଶେଷକରି ଭାରତୀୟ ଏବଂ ବିଦେଶୀ, ଯେଉଁମାନେ ନିଜ ଦେଶକୁ ଫେରିପାରୁନାହାଁନ୍ତି। ଅନେକ ବିମାନ ଉଡ଼ାଣ ବିଳମ୍ବ ହେଉଛି କିମ୍ବା ବାତିଲ ହେଉଛି, ଯାହା ଫଳରେ ଅନେକ ଯାତ୍ରୀ ଦୁବାଇ, ଆବୁଧାବି ଏବଂ କତାର ଭଳି ସହରରେ ଫସି ରହିଛନ୍ତି। ପରିସ୍ଥିତିରେ ହଠାତ୍ ପରିବର୍ତ୍ତନ ଯୋଗୁଁ ଲୋକମାନେ ବାସସ୍ଥାନ ଖୋଜିବା ପାଇଁ ସଂଘର୍ଷ କରୁଛନ୍ତି। ଏହି କଠିନ ସମୟରେ, ବଲିଉଡ୍ ଅଭିନେତା ସୋନୁ ସୁଦ ପୁଣି ଥରେ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ସୋନୁ ସୁଦ ଏକ ଭିଡିଓ ସେୟାର କରି ଯାତ୍ରୀଙ୍କ ପାଇଁ ଏକ ଘୋଷଣା କରିଛନ୍ତି।

ଏହି ସଙ୍କଟ ଯୋଗୁଁ ଦୁବାଇରେ ଫସି ରହିଥିବା ଯାତ୍ରୀମାନଙ୍କୁ ମାଗଣା ରହଣି ପ୍ରଦାନ କରି ଅଭିନେତା ସମ୍ପ୍ରତି ସୋସିଆଲ ମିଡିଆରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ସେୟାର କରିଛନ୍ତି। ଅନଲାଇନରେ ସେୟାର କରାଯାଇଥିବା ଏକ ଭିଡିଓରେ, ସୋନୁ ଫସି ରହିଥିବା ଯାତ୍ରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଏହି କଷ୍ଟକର ସମୟରେ ସେମାନଙ୍କୁ ଏକା ଛଡ଼ାଯିବ ନାହିଁ। ସେ କହିଛନ୍ତି ଯେ କୌଣସି ସର୍ତ୍ତ ବିନା ସୁରକ୍ଷିତ ରହଣି ଯୋଗାଇ ଦିଆଯିବ। ତାଙ୍କର ବାର୍ତ୍ତା ଶୀଘ୍ର ଅନଲାଇନରେ ଧ୍ୟାନ ଆକର୍ଷଣ କରିଛି ଏବଂ ଦୟା ଏବଂ ମାନବିକତାର ଭାବନା ପାଇଁ ବ୍ୟାପକ ଭାବରେ ପ୍ରଶଂସିତ ହୋଇଛି। ପୋଷ୍ଟରେ ସେ ଲେଖିଛନ୍ତି, ‘ଯୁଦ୍ଧ ଅନେକ ଯାତ୍ରୀଙ୍କୁ ଦୁବାଇରେ ଫସି ରହିଛି। ଯଦି ଆପଣଙ୍କର କିମ୍ବା ଆପଣଙ୍କ ଜଣାଶୁଣା କାହାର ରହିବା ପାଇଁ କୌଣସି ସ୍ଥାନ ନାହିଁ, ତେବେ ଆମେ ମାଗଣାରେ ସୁରକ୍ଷିତ ରହଣି ପ୍ରଦାନ କରୁଛୁ। କୌଣସି ଜାତୀୟତା ନାହିଁ। କୌଣସି ସର୍ତ୍ତ ନାହିଁ। କେବଳ ମାନବିକତା।’ ବାର୍ତ୍ତାରେ ଅଭିନେତା ଆଶ୍ରୟ ପାଇବା ପାଇଁ ସଂଘର୍ଷ କରୁଥିବା ଲୋକଙ୍କ ସହିତ ସିଧାସଳଖ କଥା ହୋଇଥିଲେ। ଯଦି ସେମାନଙ୍କୁ ସାହାଯ୍ୟର ଆବଶ୍ୟକତା ଥାଏ ତେବେ ସେ ଲୋକମାନଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ସହିତ ଯୋଗାଯୋଗ କରିବାକୁ ଉତ୍ସାହିତ କରିଥିଲେ ।

ଭିଡିଓରେ ସେ କୁହନ୍ତି, ‘ସମସ୍ତଙ୍କୁ ନମସ୍କାର। ଚଳିତ ସଙ୍କଟ ଯୋଗୁଁ ଦୁବାଇରେ ଫସି ରହିଥିବା ଯେକୌଣସି ବ୍ୟକ୍ତି, ଆମେ ଆପଣଙ୍କୁ କେବଳ କହିବାକୁ ଚାହୁଁଛୁ ଯେ ଆପଣଙ୍କ ରହିବା ପାଇଁ ଏକ ସ୍ଥାନ ଅଛି। ଆମେ ନିଶ୍ଚିତ କରିବୁ ଯେ ଆପଣଙ୍କୁ ମାଗଣାରେ ରହିବାର ବ୍ୟବସ୍ଥା ମିଳିବ। ଆପଣ ଆପଣଙ୍କ ଦେଶକୁ ଫେରିବା ପର୍ଯ୍ୟନ୍ତ ଆମେ ଆପଣଙ୍କୁ ମାଗଣାରେ ରହିବା ସୁନିଶ୍ଚିତ କରିବୁ।’ କହିରଖୁଛୁ କି, ଫେବୃଆରୀ ୨୮ ରେ ଏହି ଅଞ୍ଚଳରେ ସଂଘର୍ଷ ଆରମ୍ଭ ହୋଇଥିଲା ଯେତେବେଳେ ଇରାନର ଅନେକ ସହରରେ ସମନ୍ୱିତ ବିମାନ ଆକ୍ରମଣ କରାଯାଇଥିଲା। ଆକ୍ରମଣଗୁଡ଼ିକ ସାମରିକ ସୁବିଧା ଏବଂ ପ୍ରମୁଖ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା ବୋଲି ଜଣାପଡ଼ିଛି। ଜବାବରେ, ଇରାନ ଅନେକ ଲକ୍ଷ୍ୟସ୍ଥଳରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ନିକ୍ଷେପ କରିଥିଲା, ଯାହା ଫଳରେ ଅନେକ ଉପସାଗରୀୟ ଦେଶରେ ଉତ୍ତେଜନା ବୃଦ୍ଧି ପାଇଛି। ପରିସ୍ଥିତି ଯାତ୍ରା ବାଧା ସୃଷ୍ଟି କରିଛି, ଅନେକ ବିମାନ ବାତିଲ କିମ୍ବା ବିଳମ୍ବ ହୋଇଛି। ଫଳସ୍ୱରୂପ, ପର୍ଯ୍ୟଟକ, ଶ୍ରମିକ ଏବଂ ତୀର୍ଥଯାତ୍ରୀଙ୍କ ସମେତ ଅନେକ ଯାତ୍ରୀ ଘରକୁ ଫେରିପାରିନାହାଁନ୍ତି। କିଛି ସେଲିବ୍ରିଟି ମଧ୍ୟ ଯାତ୍ରା ବିଶୃଙ୍ଖଳା ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋନାଲ ଚୌହାନ ଏବଂ ଇଶା ଗୁପ୍ତା ଭଳି ଅଭିନେତାମାନେ ମଧ୍ୟ ଉପସାଗରରେ ଫସି ରହିଥିବା ଲୋକଙ୍କ ମଧ୍ୟରେ ଥିଲେ ଏବଂ ଶେଷରେ ସୁରକ୍ଷିତ ଭାବରେ ଫେରି ଆସିଥିଲେ।



# ଘୁଞ୍ଚିଲା ‘ଟକ୍ସିକ’ ରିଲିଜ ଡେଟ୍

ହାଇଦ୍ରାବାଦ: ୨୦୨୬ର ସବୁଠାରୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଯଶଙ୍କ ଫିଲ୍ମ ‘ଟକ୍ସିକ: ଏ ଫେରୀ ଟେଲ୍ ଫର୍ ଗ୍ରୋନ୍-ଅପ୍ସ’। ଯାହାର ମୁକ୍ତିଲାଭ ପାଇଁ ଉତ୍ସାହର ସହ ଅପେକ୍ଷା କରିଛନ୍ତି ଫ୍ୟାନ୍ସ। ଯଶ ୪ବର୍ଷ ପରେ ପରଦାକୁ ଫେରୁଛନ୍ତି। ଆଜି ୪ ମାର୍ଚ୍ଚରେ ’ଟକ୍ସିକ’ ଚଳଚ୍ଚିତ୍ର ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନିଆଯାଇଛି। ନିର୍ମାତାମାନେ ଟକ୍ସିକର ମୁକ୍ତିଲାଭ ତାରିଖ ପରିବର୍ତ୍ତନ କରିଛନ୍ତି। ଏହି ଚଳଚ୍ଚିତ୍ରଟି ମୂଳତଃ ୧୯ ମାର୍ଚ୍ଚ ୨୦୨୬ ରେ ସ୍ଥିର କରାଯାଇଥିଲା ଏବଂ ଏହା ରଣବୀର ସିଂଙ୍କ ଚଳଚ୍ଚିତ୍ର ଧୁରନ୍ଧର ୨ ସହ ଟକ୍କର ହେବାର ଥିଲା। ତଥାପି, ଟକ୍ସିକ ଏବଂ ଧୁରନ୍ଧର ୨ ମଧ୍ୟରେ ବିବାଦ ଏବେ ସମାଧାନ ହୋଇଛି। ନିର୍ମାତାମାନେ ଟକ୍ସିକର ମୁକ୍ତିଲାଭ ତାରିଖ ପରିବର୍ତ୍ତନ ଘୋଷଣା କରିଛନ୍ତି ଏବଂ ପରିବର୍ତ୍ତନର କାରଣ ମଧ୍ୟ ପ୍ରକାଶ କରିଛନ୍ତି। ନିର୍ମାତାମାନେ ଆଜି ସୋସିଆଲ ମିଡିଆରେ ଫିଲ୍ମର ରିଲିଜ ତାରିଖ ପରିବର୍ତ୍ତନର କାରଣ ସେୟାର କରି ଲେଖିଛନ୍ତି, ‘ଟକ୍ସିକ: ଏ ଫେରୀ ଟେଲ୍ ଫର୍ ଗ୍ରୋନ୍-ଅପ୍ସ’ ହେଉଛି ଏକ ଚଳଚ୍ଚିତ୍ର ଯାହା ଆମେ ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଇଁ ସିନେମା ସୃଷ୍ଟି କରିବାର ଦୃଷ୍ଟିକୋଣ ସହ ସୃଷ୍ଟି କରିଛୁ। କନ୍ନଡ ଏବଂ ଇଂରାଜୀ ଭାଷାରେ ସୁଟିଂ ହୋଇଥିବା ଏହି ଚଳଚ୍ଚିତ୍ରଟି ଦେଶ ଏବଂ ବିଶ୍ୱର ଦର୍ଶକଙ୍କ ସହିତ ଯୋଡ଼ି ହେବାର ଦୃଢ଼ ବିଶ୍ୱାସ ସହିତ ନିର୍ମିତ ହୋଇଥିଲା। ବର୍ଷ ବର୍ଷ ଧରି କଠିନ ପରିଶ୍ରମ ପରେ, ଆମେ ମାର୍ଚ୍ଚ ୧୯ ତାରିଖରେ ଆପଣଙ୍କ ସମସ୍ତଙ୍କ ସହ ଆମର ଚଳଚ୍ଚିତ୍ର ଅଂଶୀଦାର କରିବାକୁ ଉତ୍ସାହିତ। ତଥାପି, ବର୍ତ୍ତମାନର ଅନିଶ୍ଚିତତା, ବିଶେଷକରି ମଧ୍ୟପ୍ରାଚ୍ୟରେ, ଏକ ପରିସ୍ଥିତି ସୃଷ୍ଟି କରିଛି ଯାହା ଏକ ବ୍ୟାପକ ଦର୍ଶକଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କ ସହିତ ଯୋଡ଼ି ହେବାର ଆମର ଲକ୍ଷ୍ୟକୁ ପ୍ରଭାବିତ କରେ।” ନିର୍ମାତାମାନେ ଆହୁରି କହିଛନ୍ତି, ‘ତେଣୁ, ଆମର ଅଂଶୀଦାର ଏବଂ ଦର୍ଶକଙ୍କ ସର୍ବୋତ୍ତମ ସ୍ୱାର୍ଥ ପାଇଁ, ସତର୍କତାର ସହ କିନ୍ତୁ କଠୋର ବିଚାର କରିବା ପରେ, ଆମେ ଆମର ରିଲିଜ ତାରିଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛୁ।’ ଆପଣଙ୍କ ବୁଝାମଣା ଏବଂ ଧୈର୍ଯ୍ୟ ପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଦେଉଛୁ ଏବଂ ଆପଣଙ୍କ ନିରନ୍ତର ଭଲପାଇବା ଏବଂ ସମର୍ଥନ ପାଇଁ ଆମେ ଅପେକ୍ଷା କରୁଛୁ।’ ଟକ୍ସିକ: ଏ ଫେଇରୀ ଟେଲ୍ ଫର୍ ଗ୍ରୋନ୍-ଅପ୍ସ ଏବେ ଜୁନ୍ ୪, ୨୦୨୬ରେ ସାରା ବିଶ୍ୱରେ ଇଂରାଜୀ ଏବଂ ଭାରତୀୟ ଭାଷାରେ ମୁକ୍ତିଲାଭ କରିବ। ସିନେମା ହଲରେ ଦେଖା ହେବା।” ଟକ୍ସିକ ବିଷୟରେ, ଯଶଙ୍କ ପ୍ରଶଂସକମାନେ ଉତ୍ସୁକତାର ସହ ଟ୍ରେଲରକୁ ଅପେକ୍ଷା କରିଛନ୍ତି, ଯାହା ମାର୍ଚ୍ଚ ୮ରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି। ’ଟକ୍ସିକ’ ଗୀତୁ ମୋହନଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ। ଭେଙ୍କଟ ନାରାୟଣ ଏବଂ ଯଶ ପ୍ରଯୋଜକ। କଠଘ ପ୍ରଡକ୍ସନ୍ସ ଏବଂ ମନଷ୍ଟର ମାଇଣ୍ଡ କ୍ରିଏସନ୍ସ ବ୍ୟାନରରେ ନିର୍ମିତ, ଏହି ଫିଲ୍ମର ସିନେମାଟୋଗ୍ରାଫର ହେଉଛନ୍ତି ରାଜୀବ ରବି। ଏହି ଫିଲ୍ମରେ ଯଶ ଏବଂ କିୟାରା ଆଡଭାନୀ ଅଭିନୟ କରିଛନ୍ତି। ମାଆ ହେବା ପରେ ଏହା କିଆରା ଆଡଭାନୀଙ୍କ ପ୍ରଥମ ଫିଲ୍ମ। ତାରା ସୁତାରିଆ, ହୁମା କୁରେଶୀ, ରୁକ୍ମଣୀ ବସନ୍ତ, ଅକ୍ଷୟ ଓବେରୟ ଏବଂ ସୁଦେବ ନାୟର ମଧ୍ୟ ଏହି ଫିଲ୍ମର ଅଂଶ ହେବେ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ